

ସ୍ୱର୍ଣ୍ଣ ପଦକ ସହ ନୀରଜ

# ଜିମ୍‌ରୁ ଜାଭେଲିନ

**ଜିମ୍ ଛାଡି ଜାଭେଲିନ ଥ୍ରୋ ଆରମ୍ଭ କରିଥିବା ନୀରଜ ଚୋପ୍ରା ଦିନେ ଭାରତ ପାଇଁ ଆଥ୍‌ଲେଟିକ୍ସରେ ପ୍ରଥମ ଅଲିମ୍ପିକ୍ସ ପଦକ ହାସଲ କରିବେ ବୋଲି କେହି ଭାବି ନ ଥିବେ। ଚଳିତ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ପ୍ରଥମଥର ଅଂଶଗ୍ରହଣ କରି ଜାଭେଲିନରେ ସ୍ୱର୍ଣ୍ଣ ପଦକ ହାସଲ କରି ନୀରଜ ଇତିହାସ ସୃଷ୍ଟି କରିଛନ୍ତି। ସେ ଟୋକିଓ ଫାଇନାଲରେ ୮୭.୫୮ ମିଟର ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ ମଧ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୮.୦୭ ମିଟର ରହିଛି। ପଦାର୍ପଣରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ତାଙ୍କର ଏହି ସଫଳତା ଭାରତୀୟ କ୍ରୀଡ଼ା ପାଇଁ ଏକ ଶୁଭ ସୂଚନା ବୋଲି ବିବେଚନା କରାଯାଉଛି।**



## ଜାଭେଲିନରେ ନାଟକୀୟ ପ୍ରବେଶ

ନୀରଜ ନାଟକୀୟ ଢଙ୍ଗରେ ସିନେମା ଷ୍ଟାଇଲ୍‌ରେ ଅଚାନକ ଜାଭେଲିନ ଥ୍ରୋରେ ପ୍ରବେଶ କରିଥିଲେ। ପ୍ରଥମେ ଜିମ୍ ଯାଇ ସୁନ୍ଦର ଶରୀର ଗଠନ ଉପରେ ସେ ଗୁରୁତ୍ୱ ଦେଉଥିଲେ। ତେବେ ସେ ଏହା ଛାଡି ଜାଭେଲିନ ଥ୍ରୋରେ ମନ ଦେଇଥିଲେ। ପାଖାପାଖି ୬ ଫୁଟ ଉଚ୍ଚତା ଓ ୮୬ କେ.ଜି. ଓଜନ ବିଶିଷ୍ଟ ନୀରଜ ନିଜର ଦୀର୍ଘ, ସୁନ୍ଦର ତଥା ଆକର୍ଷଣୀୟ ଚେହେରା ପାଇଁ ସମସ୍ତଙ୍କ ନିକଟରେ ପ୍ରିୟ ଥିଲେ। ତାଙ୍କର ହେୟାର ଷ୍ଟାଇଲ୍ ମଧ ଆକର୍ଷଣୀୟ ଥିଲା। ତେବେ ସେ ଆରମ୍ଭରୁ ଶାରୀରିକ ଭାବେ ସେତେଟା ଫିଟ୍ ନ ଥିଲେ ବୋଲି ତାଙ୍କ ଦାଦା ଭୀମ ଚୋପ୍ରା କହିଛନ୍ତି। ସେଥିପାଇଁ ସେ ଜିମ୍ ଯାଉଥିଲେ। ଜିମ୍ ପାଖରେ ହିଁ ଷ୍ଟାଡିୟମ ଥିଲା। ତେଣୁ ସେ ଏକାଧିକ ବାର ଷ୍ଟାଡିୟମକୁ ବୁଲି ଯାଉଥିଲେ। ଥରେ ଷ୍ଟାଡିୟମରେ କେତେକ ପିଲା ଜାଭେଲିନ ଥ୍ରୋ କରିବାର ସେ ଦେଖିଥିଲେ ଓ ସେଠାରେ ଯାଇ ଛିଡା ହୋଇଥିଲେ। ସେଠାରେ ଜଣେ କୋଚ୍ ତାଙ୍କୁ ଜାଭେଲିନ ପକାଇବାକୁ କହିଥିଲେ। 'ଦେଖିବା ତମେ କେତେଦୂର ଜାଭେଲିନ ପକାଉଛ' ବୋଲି କୋଚ୍ କହିଥିଲେ। ଏହାପରେ କୋଚ୍‌ଙ୍କ ଏହି ଚ୍ୟାଲେଞ୍ଜ ସ୍ୱୀକାର କରି ଜାଭେଲିନ ଥ୍ରୋ କରିଥିଲେ ଓ ଏହା ବହୁତ ଦୂରରେ ଯାଇ ପଡିଥିଲା। ଏହାପରଠାରୁ ଆରମ୍ଭ ହୋଇଥିଲା ଇତିହାସ ସୃଷ୍ଟି କରିବାର ପ୍ରକ୍ରିୟା। କୋଚ୍ ତାଙ୍କୁ ନିୟମିତ ଭାବେ ଟ୍ରେନିଂକୁ ଆସିବାକୁ କହିଥିଲେ। କିଛି ଦିନ ପାଇଁ ସେ ପାନିପଥରେ ଟ୍ରେନିଂ ନେଇଥିଲେ। ଏହାପରେ ସେ ପଞ୍ଚକୁଲା ଷ୍ଟାଡିୟମରେ ନିୟମିତ ଭାବେ ଅଭ୍ୟାସ କରିଥିଲେ ଓ ଆରମ୍ଭ ହୋଇଯାଇଥିଲା ଜୟଯାତ୍ରା। ଏହାପରଠାରୁ ନୀରଜ ଆଉ ପଛକୁ ଫେରି ଚାହିଁନାହାନ୍ତି।

ଏକ ରୋର୍ ମରାଠା କ୍ଷତ୍ରିୟ ପରିବାରରେ ଜନ୍ମଗ୍ରହଣ କରିଥିବା ନୀରଜ ଚଣ୍ଡିଗଡ଼ର ଡିଏଭି କଲେଜରେ ଶିକ୍ଷା ଗ୍ରହଣ କରିଥିଲେ। ୨୦୧୬ରେ ତାଙ୍କୁ ଭାରତୀୟ ସୈନ୍ୟବାହିନୀରେ ଜଣେ ଜୁନିୟର କମିସନ୍‌ଡ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ସୈନ୍ୟବାହିନୀରେ ତାଙ୍କ ର୍ୟାଙ୍କ୍ ଥିଲା ନାଏକ ସୁବେଦାର। ନୀରଜ ଯେଉଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ଚାମ୍ପିୟନ ହୋଇଛନ୍ତି। ତାଙ୍କ ସଫଳତା ହାର ପାଖାପାଖି ୧୦୦ ପ୍ରତିଶତ ବୋଲି କହିଲେ ଭୁଲ ହେବ ନାହିଁ।

## ସଂକ୍ଷେପରେ...

- ପୂରା ନାମ: ସୁବେଦାର ନୀରଜ ଚୋପ୍ରା
- ଜନ୍ମ: ୨୪ ଡିସେମ୍ବର ୧୯୯୭, ଖଣ୍ଡ୍ରା, ପାନିପଥ, ହରିୟାଣା
- ବୟସ: ୨୩
- ଶିକ୍ଷା: ଡିଏଭି କଲେଜ, ଚଣ୍ଡିଗଡ଼

**ମିଲିଟାରି କ୍ୟାରିୟର**
- ଆଲେଜିଆନ୍ସ: ଭାରତ
- ଚାକିରି: ଭାରତୀୟ ସୈନ୍ୟବାହିନୀ
- ର୍ୟାଙ୍କ: ସୁବେଦାର
- ଚାକିରି କାର୍ଯ୍ୟକାଳ: ୨୦୧୬ରୁ ଆରମ୍ଭ
- ପୁରସ୍କାର: ବିଶିଷ୍ଟ ସେବା ମେଡାଲ

**କ୍ରୀଡ଼ା**
- ଦେଶ: ଭାରତ
- ସ୍ପୋର୍ଟ୍ସ: ଟ୍ରାକ୍ ଆଣ୍ଡ ଫିଲ୍ଡ
- ଇଭେଣ୍ଟ: ଜାଭେଲିନ ଥ୍ରୋ
- କୋଚ୍: ଉଏ ହୋନ

**ସଫଳତା**
- ବ୍ୟକ୍ତିଗତ ଶ୍ରେଷ୍ଠ: ୮୮.୦୭ ମିଟର

**ମେଡାଲ ରେକର୍ଡ**
- ଅଲିମ୍ପିକ୍ସ ଗେମ୍ସ: ୧ ସ୍ୱର୍ଣ୍ଣ (୨୦୨୧ ଟୋକିଓ)
- ଏସିଆନ ଗେମ୍ସ: ୧ ସ୍ୱର୍ଣ୍ଣ (୨୦୧୮ ଜାକର୍ତ୍ତା)
- ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୧ ସ୍ୱର୍ଣ୍ଣ (୨୦୧୮ ଗୋଲ୍ଡ କୋଷ୍ଟ)
- ଏସିଆନ ଚାମ୍ପିୟନଶିପ: ୧ ସ୍ୱର୍ଣ୍ଣ (୨୦୧୭ ଭୁବନେଶ୍ୱର)
- ସାଉଥ ଏସିଆ ଗେମ୍ସ: ୧ ସ୍ୱର୍ଣ୍ଣ (୨୦୧୬ ଗୁଆହାଟୀ, ଶିଲଂ)
- ବିଶ୍ୱ ଜୁନିୟର ଚାମ୍ପିୟନଶିପ୍: ୧ ସ୍ୱର୍ଣ୍ଣ (୨୦୧୬ ବିଡଗୋସଜ)
- ଏସିଆନ ଜୁନିୟର ଚାମ୍ପିୟନଶିପ୍: ୧ ରୌପ୍ୟ (୨୦୧୬ ହୋଚିମିନ ସିଟି)

**ମୋଟ ପଦକ: ୬ ସ୍ୱର୍ଣ୍ଣ ଓ ୧ ରୌପ୍ୟ**

ତାଙ୍କୁ ୧୮ ବର୍ଷ ହୋଇଥିଲା।

## ରେକର୍ଡ ପରେ ସେନାରେ ସୁବେଦାର

ଜୁନିୟର ବିଶ୍ୱ ରେକର୍ଡ ହାସଲ କରିବା ପରେ ସୈନ୍ୟବାହିନୀରେ ତାଙ୍କୁ ଜୁନିୟର କମିସନ୍‌ଡ ଅଫିସର ପଦରେ ନିଯୁକ୍ତି ମିଳିଥିଲା। ଫଳରେ ସେ ନାଏକ ସୁବେଦାର ପଦରେ ନିଯୁକ୍ତି ପାଇଥିଲେ। ଏହାପରେ ସେ ୨୦୧୮ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ରେକର୍ଡ ପାଖରେ ପହଞ୍ଚି ପାରିଲେନି ପ୍ରତିଦ୍ୱନ୍ଦ୍ୱୀ

ନୀରଜ ସ୍ୱର୍ଣ୍ଣ ଜିତିବ ପ୍ରଥମରୁ କହିଥିଲି ବୋଲି ତାଙ୍କ ଦାଦା ଭୀମ ଚୋପ୍ରା କହିଛନ୍ତି। ଫାଇନାଲ୍ସରେ ୧୧ ଖେଳାଳି ଅଂଶଗ୍ରହଣ କରିଥିଲେ। ତେବେ ମୋ ପୁତୁରା ସମସ୍ତଙ୍କ ଉପରେ ଭାରି ପଡିଥିଲା। କେହି ଜଣେ ବି ପ୍ରତିଯୋଗୀ ନୀରଜଙ୍କ ୮୭.୫୮ ମିଟର ସ୍କୋର ନିକଟରେ ପହଞ୍ଚିପାରି ନ ଥିଲେ।

### ନୀରଜଙ୍କ ପ୍ରଦର୍ଶନ

| ରାଉଣ୍ଡ | ଫଳାଫଳ |
|---|---|
| ୧ | ୮୭.୦୩ |
| ୨ | ୮୭.୫୮ |
| ୩ | ୭୬.୭୯ |
| ୪ | X |
| ୫ | X |
| ୬ | ୮୪.୨୪ |

### ପୁରୁଷ ଜାଭେଲିନ ଥ୍ରୋ ଫାଇନାଲ ଷ୍ଟାଣ୍ଡିଂ

| ର୍ୟାଙ୍କ୍ | ନାମ | ଦେଶ | ଶ୍ରେଷ୍ଠ ଥ୍ରୋ |
|---|---|---|---|
| ୧ | ନୀରଜ ଚୋପ୍ରା | ଭାରତ | ୮୭.୫୮ |
| ୨ | ଜାକୁବ ଭାଡଲେଜ | ଚେକ୍ ରିପବ୍ଲିକ | ୮୬.୬୭ |
| ୩ | ଭିଟେସ୍ଲାଭ ଭେସେଲି | ଚେକ୍ ରିପବ୍ଲିକ | ୮୫.୪୪ |
| ୪ | ଜୁଲିଆନ ୱେବର | ଜର୍ମାନୀ | ୮୫.୩୦ |
| ୫ | ଅର୍ଶଦ ନଦୀମ | ପାକିସ୍ତାନ | ୮୪.୬୨ |
| ୬ | ଅଲିଆକସେଇ କାଟକାଭେଟ୍ସ | ବେଲାରୁଷ | ୮୩.୭୧ |
| ୭ | ଆଣ୍ଡ୍ରିଆନ ମାର୍ଡାରେ | ମୋଲଡୋଭା | ୮୩.୩୦ |
| ୮ | ଲାସି ଇଟେଲାଟାଲୋ | ଫିନ୍‌ଲାଣ୍ଡ | ୮୩.୨୮ |
| ୯ | ଜୋହାନେସ ଭେଟେର | ଜର୍ମାନୀ | ୮୨.୫୨ |
| ୧୦ | ପାଭେଲ ମିଆଲେସ୍କା | ବେଲାରୁଷ | ୮୨.୨୮ |
| ୧୧ | କିମ୍ ଏଏମ୍‌ବି | ସୁଇଡେନ | ୭୯.୬୯ |
| ୧୨ | ମିହାଇଟା ନୋଭାକ | ରୋମାନିଆ | ୭୯.୨୯ |

## ବିଶ୍ୱ ରେକର୍ଡ ସତ୍ତ୍ୱେ ଯାଇପାରି ନ ଥିଲେ ରିଓ

ବିଶ୍ୱ ରେକର୍ଡ ହାସଲ ସତ୍ତ୍ୱେ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଭାଗ ନେବାର ସୁଯୋଗ ପାଇ ନ ଥିଲେ। ୨୦୧୬ରେ ସେ ଜୁନିୟର ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହା ସତ୍ତ୍ୱେ ସେ ଅଲିମ୍ପିକ୍ସର ଗତ ସଂସ୍କରଣରେ ଭାଗ ନେଇପାରି ନ ଥିଲେ। ସେ ଏହି ବିଶ୍ୱ ରେକର୍ଡ ଜୁଲାଇ ୨୩ ତାରିଖରେ ସୃଷ୍ଟି କରିଥିଲେ। ଯେତେବେଳେ କି ରିଓ ଅଲିମ୍ପିକ୍ସର ଶେଷ ତାରିଖ ୨୩ ଜୁଲାଇ ଥିଲା। ସେତେବେଳେ

## ୬ ଅନ୍ତର୍ଜାତୀୟ ପଦକ

ନୀରଜ ୬ଟି ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ପଦକ ହାସଲ କରିଛନ୍ତି। ସେ ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସ ଓ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୭ ଏସିଆନ ଆଥ୍‌ଲେଟିକ ଚାମ୍ପିୟନଶିପ୍, ୨୦୧୬ ସାଉଥ ଏସିଆନ ଗେମ୍ସ, ୨୦୧୬ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ସେ ୨୦୧୬ ଜୁନିୟର ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ।

## ନାତି ମୋ ମୁଣ୍ଡ ଉଚ୍ଚା କରିଦେଲା: ଜେଜେ

ନୀରଜଙ୍କ ଜେଜେ ଧର୍ମ ସିଂ ପରିବାର ସହିତ ଅଲିମ୍ପିକ୍ସ ଜାଭେଲିନ ଥ୍ରୋ ଇଭେଣ୍ଟ ଦେଖିଥିଲେ। ନାତି ମୋର କଠିନ ପରିଶ୍ରମ କରିଥିଲା। ଅଲିମ୍ପିକ୍ସ ଖେଳିବାକୁ ଯାଇ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ସେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ଗର୍ବରେ ମୋ ମୁଣ୍ଡ ଉଚ୍ଚା ହୋଇଛି ବୋଲି ସେ କହିଛନ୍ତି।

## ବର୍ଷେ ହେଲା ଫୋନ ବନ୍ଦ

ଅଲିମ୍ପିକ୍ସ ପଦକ ହାସଲ କରିବାକୁ ନୀରଜ ପ୍ରାଣପଣେ ଚେଷ୍ଟା କରିବା ସହ କଠିନ ପରିଶ୍ରମ କରିଛନ୍ତି। ଦୀର୍ଘ ଗୋଟିଏ ବର୍ଷ ହେବ ତା'ର ଫୋନ ବନ୍ଦ ରହିଛି ବୋଲି ଦାଦା ଭୀମ ଚୋପ୍ରା କହିଛନ୍ତି। ୧୫ ଦିନ ତଳେ ତା ସହିତ ଭିଡିଓ କଲ୍ କରି କଥା ହୋଇଥିଲି। ତେବେ ଏହା ତା'ର ମ୍ୟାନେଜର ଫୋନ୍ ମାଧ୍ୟମରେ କଥା ହୋଇଥିଲୁ। ଏହାପରଠାରୁ କଥା ହୋଇନାହୁଁ। କଠିନ ପରିଶ୍ରମର ଫଳ ସେ ଶେଷରେ ପାଇଛି। ଏଥିପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ଭୀମ କହିଛନ୍ତି।


ନୀରଜଙ୍କ ଜନ୍ମମାଟି ହରିୟାଣା ପାନିପଥର ଖଣ୍ଡରା ଗ୍ରାମରେ ବିଜୟ ମହୋତ୍ସବ।

# 'ଏ ଗୋଲ୍‌ଡେନ ଥ୍ରୋ'

ଭୁବନେଶ୍ୱର,୭।୮ (ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସରେ ଭାରତର ନୀରଜ ଚୋପ୍ରା ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ପ୍ରଥମ ଥର ଲାଗି ଆଥ୍‌ଲେଟିକ୍ସରେ ସ୍ୱର୍ଣ୍ଣ ଜିତି ପ୍ରଥମ ଭାରତୀୟ ଭାବେ ସେ ଏହି ଗୌରବ ଅର୍ଜନ କରିଛନ୍ତି। ଦେଶର ବିଭିନ୍ନ ଭାଗରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ସମଗ୍ର ଦେଶ ତାଙ୍କ ଲାଗି ଗୌରବାନ୍ୱିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରଜଙ୍କୁ ଅଭିନନ୍ଦନ ଜଣାଇବା ସହ 'ଏ ଗୋଲ୍‌ଡେନ ଥ୍ରୋ' ବୋଲି ଟୁଇଟ୍ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ-୨୦୨୦ ଜାଭେଲିନ ଥ୍ରୋରେ ଇତିହାସ ରଚି ଭାରତ ପାଇଁ ପ୍ରଥମ ଥର ଲାଗି ଆଥ୍‌ଲେଟିକ୍ସରେ ସ୍ୱର୍ଣ୍ଣ ଜିତିଛନ୍ତି। ଦେଶ ଆପଣଙ୍କ ପାଇଁ ଗର୍ବିତ। ଏହି ପଦକ ଜିତି ଆପଣ ଭାରତକୁ ଅଲିମ୍ପିକ୍ସରେ ଏହାର ମେଡାଲ ତାଲିକାର ସର୍ବୋଚ୍ଚ ସ୍ଥାନକୁ ନେଇଛନ୍ତି। ଆଗାମୀ ପିଢିକୁ ଏହା ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୀରଜ ୨୦୧୭ରେ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ପଦକ ପ୍ରଦାନ କରିଥିଲେ। ପଦକ ପାଇଥିବା ଫଟୋକୁ ମଧ ମୁଖ୍ୟମନ୍ତ୍ରୀ ନିଜ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ଟୁଇଟ୍ କରି କୁହାଯାଇଛି ଯେ ନୀରଜ ଚୋପ୍ରା ୮୭.୫୮ ମିଟର ଜାଭେଲିନ ପକାଇ ଟୋକିଓ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଛନ୍ତି। ଆଥ୍‌ଲେଟିକ୍ସରେ ସେ ପ୍ରଥମ ସ୍ୱର୍ଣ୍ଣ ଆଣିବାରେ ସଫଳ ହୋଇଛନ୍ତି। ଏଥିପାଇଁ ଓଡ଼ିଶା ଗର୍ବିତ। ନୀରଜ ଓ ତାଙ୍କ ଟିମ୍ କଳିଙ୍ଗ ଷ୍ଟାଡିୟମରେ ଏକ ପ୍ରିପାରେଟୋରି କ୍ୟାମ୍ପ ପକାଇଥିଲେ। ଏହାର ପ୍ରାୟୋଜକ ହୋଇଥିବାରୁ ଓଡ଼ିଶା ଗର୍ବିତ।

କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହୋଇଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସମୟରେ ୨ମାସରୁ ଅଧିକ ସମୟ ଧରି ସେ ଓଡ଼ିଶାରେ ରହିଥିଲେ। କଳିଙ୍ଗ ଷ୍ଟାଡିୟମରେ ନିଜର ଲଗାତର ଅଭ୍ୟାସ ଜାରି ରଖିଥିଲେ। ଏଠାରେ ଅଭ୍ୟାସ ତାଙ୍କୁ ବହୁତ ଭଲ ଲାଗିଥିଲା ବୋଲି ସେ କହିଥିଲେ। ଅଭ୍ୟାସ ସମୟରେ କଳିଙ୍ଗ ଷ୍ଟାଡିୟମର ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନକୁ ମଧ ସେ ପ୍ରଶଂସା କରିଥିଲେ। ଏପରିକି ସେ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ କଳିଙ୍ଗ ଷ୍ଟାଡିୟମକୁ ପ୍ରିୟ ଅଭ୍ୟାସ ଗ୍ରାଉଣ୍ଡ ଭାବେ ବାଛିଥିଲେ।

ଟୋକିଓ ଅଲିମ୍ପିକ୍ସରେ ଭାଗ ନେବା ପୂର୍ବରୁ ନୀରଜ ପଞ୍ଜାବର ପଟିଆଲାସ୍ଥିତ ନେତାଜୀ ସୁଭାଷ ବୋଷ ଟ୍ରେନିଂ କ୍ୟାମ୍ପରେ ପ୍ରଶିକ୍ଷଣ ପାଇଁ ପହଞ୍ଚିଥିଲେ। ସେଠାକାର ଜଳବାୟୁ ନୀରଜଙ୍କ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇଥିଲା। ପ୍ରଚୁର ଥଣ୍ଡା ଯୋଗୁ ପ୍ରଶିକ୍ଷଣ ନେବା ସମ୍ଭବପର ହେଉ ନ ଥିଲା। ସେହି ଜାଭେଲିନ ଖେଳାଳି ପରବର୍ତ୍ତୀ ସମୟରେ ଓଡ଼ିଶା ଆସିବାକୁ ଚାହିଁଥିଲେ। ଶେଷରେ ସାଥି ଖେଳାଳି ଶିବପାଲ ସିଂ, ଅନୁ ରାଣୀ, ରୋହିତ ଯାଦବଙ୍କ ସହ ସେ ୨୦୨୦ ଡିସେମ୍ବରରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପହଞ୍ଚିଥିଲେ।

### ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ପାଇଥିଲେ ସ୍ୱର୍ଣ୍ଣ

ଟୋକିଓ ଅଲିମ୍ପିକ୍ସ ପାଇଁ କଳିଙ୍ଗ ଷ୍ଟାଡିୟମ ଶେଷରେ ଜାଭେଲିନ କସରତର ଶେଷ ପ୍ରୟୋଗଶାଳା ପାଲଟିଥିଲା। ଏହିଠାରୁ ନୀରଜ ରଣନୀତି ପ୍ରସ୍ତୁତ କରିଥିଲେ। ଓଡ଼ିଶାର ଜଳବାୟୁ ତାଙ୍କୁ ପ୍ରଶିକ୍ଷଣ ପାଇଁ ଆହୁରି ସକ୍ଷମ କରିଥିବା ସେ କହିଥିଲେ। ଶେଷରେ କଳିଙ୍ଗ ଷ୍ଟାଡିୟମର ରଣଭୂମିରୁ ଟୋକିଓ ରଣାଙ୍ଗନକୁ ଯାଇଥିବା ନୀରଜ ଚୋପ୍ରା ସ୍ୱର୍ଣ୍ଣିମ ଇତିହାସରେ ଦସ୍ତଖତ କରି ଭାରତକୁ ସୁନା ଭେଟି ଦେଇଛନ୍ତି।

# ଅଲିମ୍ପିକ୍ସ ପାଇଁ କଳିଙ୍ଗରେ ନେଇଥିଲେ ଟ୍ରେନିଂ

ଭୁବନେଶ୍ୱର, ୭।୮ (କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସର ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ଗର୍ବିତ କରିଛନ୍ତି ତାରକା ଆଥଲେଟ୍ ନୀରଜ ଚୋପ୍ରା। ଅଲିମ୍ପିକ୍ସ ଶେଷ ହେବାରୁ ଗୋଟିଏ ଦିନ ପୂର୍ବରୁ ସ୍ୱର୍ଣ୍ଣିମ ସଫଳତା ପାଇ ନିଜ କ୍ୟାରିୟରକୁ ଗୁନ୍ଦ୍ଧିମନ୍ତ କରିଥିବା ନୀରଜଙ୍କର ଓଡ଼ିଶା ଲିଙ୍କ୍ ରହିଛି। ୨୦୧୭ ଜୁଲାଇ ୬ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଭାଗନେଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ ନୀରଜ। ଫାଉଲରୁ ଅଭିଯାନ ଆରମ୍ଭ କରିଥିବା ନୀରଜ ପରବର୍ତ୍ତୀ ୫ ଉଦ୍ୟମରେ ଯଥାକ୍ରମେ ୭୮.୫୯, ୭୮.୫୪, ୮୩.୦୬, ୮୦.୯୯ ଓ ୮୫.୨୩ ମିଟର ଜାଭେଲିନ ପକାଇଥିଲେ। ୬ଷ୍ଠ ଉଦ୍ୟମରେ ୮୫.୨୩ ମିଟର ଥ୍ରୋ ହିଁ ତାଙ୍କୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲା।

### ନୀରଜଙ୍କ ଓଡ଼ିଶା ଲିଙ୍କ୍

ଆଥଲେଟିକ୍ ଚାମ୍ପିୟନଶିପ୍ ପ୍ରକୃତରେ ରାଞ୍ଚିରେ ଆୟୋଜନ ହେବାର ଥିଲା। ମାତ୍ର ଝାଡ଼ଖଣ୍ଡ ସରକାର ଅସାମର୍ଥତା ପ୍ରକାଶ କରିବାପରେ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରାଯାଇଥିଲା। ମାତ୍ର ୯୦ ଦିନର ଚ୍ୟାଲେଞ୍ଜକୁ ଗ୍ରହଣ କରି ଓଡ଼ିଶା ସଫଳତାର ସହ ଏହି ପ୍ରତିଯୋଗିତା ଆୟୋଜନ କରି ସଫଳତା ସାଉଁଟିଥିଲା। ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ନୀରଜଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ।

ଟୋକିଓ ଅଲିମ୍ପିକ୍ସ ପାଇଁ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ନେଇଥିଲେ ନୀରଜ। ୨୦୨୦ ଡିସେମ୍ବର ୪ରୁ ୨୦୨୧ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲିଥିଲା। କରୋନା କଟକଣା ମଧ୍ୟରେ ଅନୁଷ୍ଠିତ କ୍ୟାମ୍ପରେ ନୀରଜଙ୍କ ସମେତ ୫ ଆଥଲେଟ୍ ଏବଂ ୫ ସପୋର୍ଟ ଷ୍ଟାଫ୍ ଭାଗ ନେଇଥିଲେ। ଜର୍ମାନୀ କୋଚ୍ ଉଇ ହୋନ ଏବଂ ଡ. କାଲୋସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରେନିଂ ନେଇ ନିଜ ପ୍ରଦର୍ଶନକୁ ଶାଣିତ କରିଥିଲେ ଏହି ତାରକା ଆଥଲେଟ୍। ତେଣୁ ନୀରଜଙ୍କ ସଫଳତା ପଛରେ ଓଡ଼ିଶା ସରକାରଙ୍କ ଅବଦାନକୁ ମନେ ପକାଇ କୋଚ୍ ଉଇ ହୋନ ଟୁଇଟ୍ କରିଥିବା କ୍ରୀଡ଼ା ବିଭାଗର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।



୨୦୧୭ ଏସିଆନ୍ ଆଥଲେଟିକ୍ ଚାମ୍ପିୟନଶିପ୍‌ର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଭେଲିନ୍ ତାରକା ନୀରଜ ଚୋପ୍ରାଙ୍କୁ ପୁରସ୍କୃତ କରିବାର ଏକ ମୁହୂର୍ତ୍ତ। ନିକଟରେ ଉପସ୍ଥିତ ଅଛନ୍ତି ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଆଡିଲ୍ ସୁମାରିୱାଲା, ତତ୍କାଳୀନ କ୍ରୀଡ଼ା ସଚିବ ବିଶାଳ ଦେବ ଓ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ।

## ଅବକାରୀ ବିଭାଗର ଚଢ଼ାଉକୁ ବିରୋଧ

ଲହୁଣୀପଡା,(ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତର କୁଢ଼େଇପାଣି ଗ୍ରାମରେ ବେନିୟମ ଭାବେ ଦେଶୀ ମହୁଲି ମଦ ପ୍ରସ୍ତୁତ ଓ କାରବାର ହେଉଥିବା ଅଭିଯୋଗ ପାଇ ଶୁକ୍ରବାର ଲହୁଣୀପଡା ଅବକାରୀ ବିଭାଗ ଚଢ଼ାଉ କରିବା ପାଇଁ ଆସୁଥିବା ଜାଣିପାରି କୁଢ଼େଇପାଣି ଗ୍ରାମର କେତେକ ଲୋକ ଚଢ଼ାଉକୁ ବିରୋଧ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । କିଛି ଲୋକ ବାଡ଼ିଲି ଓ ଟେକା ମାଡ କରିଥିବାରୁ ଦୁଇ ଜଣ କର୍ମଚାରୀ ଆହତ ହୋଇଛନ୍ତି ବୋଲି ଅବକାରୀ ବିଭାଗ ପକ୍ଷରୁ ମହୁଲପଦା ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

## ସଂକ୍ଷେପରେ

### ପାଣିରେ ବୁଡି ଯୁବକ ମୃତ

ଲହୁଣୀପଡା,୭।୮(ଡି.ଏନ.ଏ): ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଜେନିଆ ଗ୍ରାମରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ପାଣିରେ ବୁଡି ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଜେନିଆଁ ଗ୍ରାମର ସଚିନ ଟିଗା (୨୮) ଗ୍ରାମ ନିକଟସ୍ଥ ଡିପାସାହି କଲଭର୍ଟ ଉପରେ ଶୋଇଥିବା ବେଳେ ହଠାତ ତଳକୁ ଗଡି ପଡିଥିଲେ। କଲଭର୍ଟ ତଳେ ଚାରି ଫୁଟ ଗଭୀର ପାଣି ଥିବା ବେଳେ ମୁହଁ ମାଡି ପଡିଯିବାରୁ ଉଠି ପାରି ନ ଥିଲେ। ସଚିନ ପାଣିରେ ପଡିଯିବା ଦେଖି ସ୍ଥାନୀୟ ଲୋକମାନେ ତାଙ୍କୁ ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ତୁରନ୍ତ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ସଚିନଙ୍କ ସାନ ଭାଇ ଦିପକ ଟିଗା ଶନିବାର କେ.ବଲାଙ୍ଗ ଥାନାରେ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । କେ.ବଲାଙ୍ଗ ପୋଲିସ ଲହୁଣୀପଡା ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

### ଇସ୍ପାତ ଷ୍ଟାଡିୟମ୍‌ରୁ ମୂଲ୍ୟବାନ୍ ସାମଗ୍ରୀ ଚୋରି

ରାଉରକେଲା ଅଫିସ୍, ୭।୮: ଆର୍‌ଏସ୍‌ପି ଇସ୍ପାତ ଷ୍ଟାଡିୟମରେ ଥିବା ୱେଟ ଲିଫ୍ଟିଂ ହଲରେ ଚୋରି ହୋଇଛି। ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଛନ୍ତି। ଲକ୍‌ଡାଉନ ପାଇଁ ଦୀର୍ଘଦିନ ହେଲା ଏହା ବନ୍ଦ ରହିଥିଲା। ଶୁକ୍ରବାର ଖୋଲାଯିବା ପରେ ଚୋରି ବିଷୟରେ ଜଣାପଡିଛି। ଏହାର ସୁରକ୍ଷା ଦାୟିତ୍ୱରେ ଜଣେ ସୁରକ୍ଷାକର୍ମୀ ମଧ ଥିଲେ ମଧ ଚୋରି ବିଷୟରେ ସାମାନ୍ୟତମ ସୂଚନା ମଧ ପାଇପାରି ନ ଥିଲେ।

### ଶୋ ରୁମ୍‌ରୁ ଚୋରି ଘଟଣା, ଜଣେ ଗିରଫ

ରାଉରକେଲା ଅଫିସ, ୭।୮: ରାଉରକେଲା ସହର ଉଦିତ ନଗରରେ ଥିବା ଏକ ବଜାଜ ଶୋ ରୁମ୍‌ରୁ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ଚୋରି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ମୃତି ରଞ୍ଜନ ରାଉତ(୨୨) ଓ ତାଙ୍କ ଘର ବାସନ୍ତୀ କଲୋନୀରେ। ତାଙ୍କଠାରୁ ୪ଲକ୍ଷ ୩୩ ହଜାର ୨୬୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ଏହି ଶୋ ରୁମ୍‌ର ଜଣେ କର୍ମଚାରୀ ବୋଲି ପୋଲିସ ସୂଚନା ଦେଇଛି। ଗତ ରାତିରେ ଏହି ଶୋ ରୁମ୍‌ରୁ ସିସିଟିଭି କେବୁଲ କାଟି ଦୁର୍ବୃତ୍ତମାନେ ନଗଦ ୬ ଲକ୍ଷ ୯୯ହଜାର ୯୪୫ ଟଙ୍କା, ଗୋଟିଏ ଟାବଲେଟ ଓ ମୋବାଇଲ ଫୋନ ଚୋରି କରି ନେଇଥିଲେ। ଏ ନେଇ ଶୋ ରୁମ୍ ମ୍ୟାନେଜର ମାନସ ମହାନ୍ତିଙ୍କ ରିପୋର୍ଟକୁ ଆଧାର କରି ପୋଲିସ ଏକ ମାମଲା (ନଂ.୧୫୨/୨୧) ରୁଜୁ କରି ତଦନ୍ତ କରିଥିଲା। ଯୋଜନାବଦ୍ଧ ଭାବେ ହୋଇଥିବା ଏହି ଚୋରି ମାମଲାରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବାରୁ ପୋଲିସ ତଦନ୍ତ ଚାଲୁ ରହିଛି।

### ବେଆଇନ ଶ୍ରମିକ ଚାଲାଣ: ଧରାପଡିଲେ ୨ଯୁବକ

କୁତ୍ରା,୭।୮(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରୁ ବେଆଇନ ଦାଦନ ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଥିବାବେଳେ ଶନିବାର କୁତ୍ରାଠାରେ ମହାରାଷ୍ଟ୍ରର ଏକ ବସ ଏମ୍‌ଏଚ୍ ୦୯ ସିଭି ୫୦୭୦ରେ ୩୩ଜଣ ଶ୍ରମିକଙ୍କୁ ଚାଲାଣବେଳେ କୁତ୍ରା ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଏହା ସହ ୨ଜଣ ଶ୍ରମିକ ଚାଲାଣକାରୀ ସମ୍ବଲପୁର ଜିଲା ହୀରାକୁଦ ଅଞ୍ଚଳର ମାରଟିନ ସୋରେଙ୍ଗ ଓ କୁତ୍ରାର ସଞ୍ଜିବ ବାଗଙ୍କୁ ଅଟକ ରଖିଛି। ଜଣେ ଡ୍ରାଇଭର ଓ ବସକୁ ଅଟକ ରଖିଛି। ତେବେ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନେ ହେଲେ କୁତ୍ରା, ଗଡପୋଷ, ବିଶ୍ରା, ବଡଗାଁ ପ୍ରଭୃତି ଅଞ୍ଚଳର। ଦାଦନ ଶ୍ରମିକଙ୍କୁ ନେବା ପାଇଁ ମହାରାଷ୍ଟ୍ରରୁ ଏକ ବସ କୁତ୍ରାକୁ ଆସି ଶ୍ରମିକଙ୍କୁ ବସାଇ ନେଉଥିବା ବେଳେ ଏହା ଜଣାପଡିଥିଲା। ଏମାନଙ୍କୁ ନେଇ ମାଛମରା କାର୍ଯ୍ୟରେ ନିୟୋଜିତ କରାହେବ ବୋଲି ଜଣାପଡିଛି । ଏବାବଦରେ ଜିଲା ସହକାରୀ ଶ୍ରମ ଅଧିକାରୀ ଗଉର ତାଣ୍ଡିଙ୍କୁ ପଚାରିବାରୁ ମାତ୍ର ୪ ଜଣ ଶ୍ରମିକ ହେଲେ ବିନା ଅନୁମତିରେ ନେଇପାରିବେ। ୪ରୁ ଅଧିକ ହେଲେ ଜିଲା ଶ୍ରମ କାର୍ଯ୍ୟାଳୟରୁ ଅନୁମତି ଦରକାର। ସେମାନଙ୍କ ନାମ ଏଠାରେ ପଞ୍ଜିକରଣ ହେବ ବୋଲି କହିବା ସହ ଏବେ ଧରାପଡିଥିବା ଦୁଇଜଣ ଦଲାଲଙ୍କ ନାମରେ ମାମଲା ରୁଜୁ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।



ସୁନ୍ଦରଗଡ଼ରେ କଂଗ୍ରେସ କର୍ମକର୍ତ୍ତା ବନ୍ଦ ପାଳନ କରୁଛନ୍ତି।


ବନ୍ଦ ଯୋଗୁ ସୁନ୍ଦରଗଡ଼ ସହର ଶନିବାର ଶୂନ୍‌ଶାନ୍।

# ସୁନ୍ଦରଗଡ଼ରେ ୧୨ ଘଣ୍ଟିଆ ବନ୍ଦ ପାଳନ

- ସୁନ୍ଦରଗଡ଼ଠାରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବି
- ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନଙ୍କ ପିକେଟିଂ
- ସମସ୍ତ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ
- ଗାଡ଼ିମୋଟର ଚଳାଚଳ, ଶିକ୍ଷାନୁଷ୍ଠାନ ବି ବନ୍ଦ

ସୁନ୍ଦରଗଡ଼,୭।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ ଜିଲା କଂଗ୍ରେସ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦର ପ୍ରଭାବ ଜିଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା। ଆନ୍ଦୋଳନ ପ୍ରତି ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଜଣାଇ ସୁନ୍ଦରଗଡ଼ରେ ସମସ୍ତ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଗାଡିଚଳାଚଳ ବନ୍ଦ ରହିଥିଲା। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡିକ ସମ୍ମୁଖରେ କଂଗ୍ରେସ କର୍ମୀମାନେ ପିକେଟିଂ କରି ବନ୍ଦ କରିଥିଲେ। ସ୍ଥାନୀୟ ଡିଆର୍‌ଡିଏ ଛକ ଠାରୁ ବହୁସଂଖ୍ୟାରେ କଂଗ୍ରେସ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ଏମ୍ସ ପ୍ରତିଷ୍ଠା ଦାବିନେଇ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପୂର୍ବାହ୍ନ ୧୦ଘଟିକା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ କଲେକ୍ଟୋରିଏଟଠାରେ ବହୁସଂଖ୍ୟାରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ଫଳରେ କୌଣସି ଅଧିକାରୀ ଓ କର୍ମଚାରୀ ଅଫିସକୁ ଯାଇ ନ ପାରି ଫେରିଯାଇଥିଲେ। ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାର ହେମଗିରଠାରୁ ବଣାଇଁ ପର୍ଯ୍ୟନ୍ତ ଖଣିଖାଦାନରେ ଭରପୁର ହୋଇଥିବାବେଳେ ଏଥିଯୋଗୁ ବିଭିନ୍ନ ସମୟରେ ଶହଶହ ଲୋକ ବିସ୍ଥାପିତ ହୋଇ ଅସ୍ୱାସ୍ଥ୍ୟକର ପରିବେଶରେ ଦିନ ବିତାଉଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ନେଇ ନାନା ଡିଣ୍ଡିମ ପିଟୁଥିବା ବେଳେ ସୁନ୍ଦରଗଡବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସରକାର ଫେଲ ମାରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିପାଇଁ ଜିଲାବାସୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ସୁନ୍ଦରଗଡ଼ଠାରେ ନବନିର୍ମିତ ଏନ୍‌ଟିପିସି ମେଡିକାଲ କଲେଜ ଓ ହସ୍ପିଟାଲର କୋଠାଘର ଓ ପର୍ଯ୍ୟାପ୍ତ ଭିତ୍ତିଭୂମି ଉପଲବ୍ଧ ଥିବାରୁ ଏଠାରେ ଏମ୍ସ ଶାଖା ପ୍ରତିଷ୍ଠା କରାଯାଉ। ଏଣୁ ସୁନ୍ଦରଗଡ଼ ତଥା ପଶ୍ଚିମ ଓଡିଶାର ଜନସାଧାରଣଙ୍କୁ ତାଙ୍କର ନ୍ୟାର୍ଯ୍ୟଦାବିରୁ ବଞ୍ଚିତ କରା ନ ଯାଉ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସମଗ୍ର ରାଜ୍ୟରେ ଆଦାୟ ହେଉଥିବା ରାଜସ୍ୱ ପ୍ରଦାନ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲା ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବାବେଳେ ଏଠାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସରକାରଙ୍କ ପଛଘୁଞ୍ଚା କାହିଁକି ବୋଲି ପ୍ରଶ୍ନ କରାଯାଇଛି। ଏଭଳିସ୍ଥିତିରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ପାତରଅନ୍ତର କରା ନ ଯାଇ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ଜିଲା କଂଗ୍ରେସ କମିଟି ଦାବି କରିଛି। ଏହି ବନ୍ଦ ପାଳନରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା ଉପସଭାପତି ଅଜିତ ପ୍ରସାଦ, ସମ୍ପାଦକ କାଳୀପଦ ସାମଲ, ପର୍ଶୁରାମ ସରାଫ , ସଂଜୟ ସାହୁ , ପ୍ରଣବ ସିଂ, କମଲେଶ ବେନିଓାଲ, ଶୁଭାଶୀଷ ବାନାର୍ଜୀ, ପ୍ରଦୀପ ସିଂ, ଶରତ ପୁରୋହିତ, ଟାଉନ ସଭାପତି ନେପାଳ ସାହୁ, ଯୁବସଭାପତି ବିଶ୍ୱଜିତ ପଟ୍ଟନାୟକ, ସେବାଦଳ ରାଜ୍ୟ ସମ୍ପାଦକ ସତ୍ୟନାରାୟଣ ସାହୁ, ଆଡଭୋକେଟ କମଳ ସେନ୍, ସତ୍ୟଜିତ ପଣ୍ଡା, ଦୀନବନ୍ଧୁ ନାଏକ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ସାମିଲ ଥିଲେ। ଏମ୍ସ ପ୍ରତିଷ୍ଠା ଦାବିନେଇ ଜିଲା କଂଗ୍ରେସର ଏହି ବନ୍ଦ ପାଳନ ପ୍ରତି ସୁନ୍ଦରଗଡ ଡେଭଲପମେଣ୍ଟ ଫୋରମ୍, ବିଭିନ୍ନ ସାମାଜିକ ସଙ୍ଗଠନ, ନାଗରିକ କମିଟି, ବରିଷ୍ଠ ନାଗରିକ ସମିତି, ଜିଲା ଓକିଲ ସଂଘ , ବ୍ୟବସାୟୀ ସଂଘ, ପରିବହନ ସଂଘ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଓ ଜନସାଧାରଣ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସମର୍ଥନ ଜଣାଇଥିବାରୁ ଜିଲା କଂଗ୍ରେସ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ରାଜଗାଙ୍ଗପୁର କଂଗ୍ରେସର ବନ୍ଦ ପାଳନ

ରାଜଗାଙ୍ଗପୁର, ୭।୮ (ଡି.ଏନ.ଏ)

ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ଡାକରା ପ୍ରଭାବ ରାଜଗାଙ୍ଗପୁରରେ ଦେଖିବାକୁ ମିଳିଥିଲା। ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ. ରାଜନ ଏକ୍କାଙ୍କ ନେତୃତ୍ୱରେ ଟାଉନ କଂଗ୍ରେସ ସଭାପତି ପାକା ବାବୁ, ଜିଲା କଂଗ୍ରେସ ସମ୍ପାଦକ ସୁରେଶ ବାରିକ, ଦେବରଞ୍ଜନ ବିନୋଦ, ଶଶି ଚୌରାସିଆ, ଫହିମ୍ ଅଖତର ଓ କଂଗ୍ରେସରୁ ବହୁ ନେତୃବୃନ୍ଦ ଓ କର୍ମୀବୃନ୍ଦ ସହରରେ ବ୍ୟାନର ଓ ଝଣ୍ଡା ଧରି ଏକ ଶୋଭାଯାତ୍ରାରେ ବାହାରି ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ଅନୁରୋଧ କରିବା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ଇତ୍ୟାଦିକୁ ବନ୍ଦ କରିଥିଲେ। ଏହି ବନ୍ଦ ସମୟରେ ସହରରେ କିଛି ମାତ୍ରାରେ ଦୋକାନ ବଜାର ଖୋଲାଥିବାବେଳେ ବସ ଚଳାଚଳ ବନ୍ଦ ରହିଥିଲା । ଶାନ୍ତିପୂର୍ଣ୍ଣ ଭାବେ ଏହି ବନ୍ଦ ପାଳନ ହୋଇଥିଲା।



ରାଜଗାଙ୍ଗପୁରରେ କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରୁଛନ୍ତି।

## ଏମ୍ସ ପ୍ରତିଷ୍ଠା ଦାବିରେ ରାସ୍ତାରୋକୋ

ବଡ଼ଗାଁ, ୭।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କଂଗ୍ରେସ ପକ୍ଷରୁ ସୁନ୍ଦରଗଡ଼ ଏନ୍‌ଟିପିସିଠାରେ ଏମ୍ସ ପ୍ରତିଷ୍ଠା ଦାବିକୁ ନେଇ ରାସ୍ତାରୋକୋ ଶନିବାର ପୂର୍ବାହ୍ନରେ କରାଯାଇଥିଲା। ଏକ ଘଣ୍ଟିଆ ଏହି ରାସ୍ତାରୋକୋରେ ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣୀ ସାହୁ, ବ୍ଲକ ଉପାଧ୍ୟକ୍ଷ ସାରଥି ପାଣ୍ଡେ, ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା, ବଡଗାଁ ନାଏବ ସରପଞ୍ଚ କେଶବ କର୍ସେଲ, ଫଲୋସ୍ୱର ତିର୍କି, ସୁଧିର ବିଶି, ପୂର୍ଣ୍ଣଚନ୍ଦ୍ର ସା ପ୍ରମୁଖ ବ୍ଲକ ସମ୍ମୁଖ ରାଜ୍ୟ ରାଜପଥ-୧୦ ଅବରୋଧ କରି ଦାବି ଜଣାଇଥିଲେ ।

## ନିଯୁକ୍ତି କ୍ଷେତ୍ରରେ ଓଡିଶା ଷ୍ଟାଫ ସିଲେକ୍‌ସନ କମିଶନ ଦ୍ୱାରା ମହା ଦୁର୍ନୀତି ଅଭିଯୋଗ

# ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଦେବଗଡ଼,୭।୮(ଡି.ଏନ.ଏ)

ନିଯୁକ୍ତି କ୍ଷେତ୍ରରେ ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ପକ୍ଷରୁ ମହାଦୁର୍ନୀତି ହୋଇଥିବା ଅଭିଯୋଗ କରି ଦେବଗଡ଼ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଶନିବାର ରାତି ପ୍ରାୟ ୮ଟାରେ ଦେବଗଡ ଜିଲା ଛାତ୍ର କଂଗ୍ରେସ ସଭାପତି ତୀର୍ଥବାସୀ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଆଗାମୀ ଦିନରେ ପ୍ରକୃତ ଦୋଷୀକୁ ଦଣ୍ଡ ଦିଆ ନ ଗଲେ ଆନ୍ଦୋଳନ ପାଇଁ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, କଂଗ୍ରେସ ଏସ୍.ସି.ସେଲ ସଭାପତି ମଂଜୁଳ କୁମାର ନାୟକ, ଏସ୍.ଟି. ସେଲ୍ ସଭାପତି କ୍ଷେତ୍ର କୁମାର ପାତ୍ର, ନଗର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ନଗର ସଭାପତି ସୁବାସ ଚନ୍ଦ୍ର ଭୋଇ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାର ମିଶ୍ର, ମିଡିଆ ସେଲ ସଂଯୋଜକ ପଞ୍ଚୁଲାଲ ବରାଇ, ଦୀପକ କୁମାର ଦାସ, ବିକାଶ ଖଡିରତ୍ନ, ଶମ୍ଭୁଲାଲ ପ୍ରଧାନ, ଛାତ୍ର କଂଗ୍ରେସ ସଦସ୍ୟ ଗୋଲେଖ ପ୍ରଧାନ, ବିବେକା ପ୍ରଧାନ, ଅନିଲ ଅଟି, ଜଗନ୍ନାଥ କିଷାନ, ପୁରୁଷୋତମ ବେହେରା ଓ କ୍ଷିତିଶ ସାମଲଙ୍କ ସମେତ ବହୁ କଂଗ୍ରେସ କର୍ମୀ ସକ୍ରିୟ ଅଂଶଗ୍ରହଣ କରିଥିଲେ ।


ଦେବଗଡ଼ରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଓସିଏ କର୍ମକର୍ତ୍ତାଙ୍କ ଷ୍ଟାଡିୟମ ପରିଦର୍ଶନ

ଦେବଗଡ଼, ୭।୮(ଡି.ଏନ.ଏ)

ରାଜ୍ୟର ବିଭିନ୍ନ ଷ୍ଟାଡିୟମ ଉନ୍ନତିକରଣ ଲାଗି ଓଡିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ନିକଟରେ ନିଷ୍ପତି ନିଆଯାଇଛି। ଏହି କ୍ରମରେ ଓସିଏର ବରିଷ୍ଠ ସଭ୍ୟ ତଥା ବୈଷୟିକ କମିଟିର ଅଧ୍ୟକ୍ଷ ଧୀରେନ ପଲେଇ ଓ ଅନ୍ୟତମ ସଦସ୍ୟ ଦେବାଶିଷ ପାଢ଼ୀ ଦେବଗଡ ଜିଲା ଗସ୍ତରେ ଶନିବାର ଆସି ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଉଭୟ ଷ୍ଟାଡିୟମ ଓ କ୍ରିକେଟ ଖେଳର ଉନ୍ନତି ନେଇ ଜିଲା କ୍ରିକେଟ ସଂଘ ଏବଂ ଜିଲା କ୍ରୀଡା ସଂସଦ କମିଟିଙ୍କ ସହ ବିଷଦ ଭାବରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକ, ଜିଲା କ୍ରିକେଟ ସଂଘର ସମ୍ପାଦକ ଇଂ ସୁଜିତ କୁମାର ପ୍ରଧାନଙ୍କ ସମେତ ଉପସଭାପତି ନବିନ ପାଣି, ସତ୍ୟନାରାୟଣ ମିଶ୍ର, ସନ୍ତୋଷ ଦେବତା, ଅଶୋକ ନନ୍ଦ, ସତ୍ୟନାରାୟଣ ପାଣି, ଅଜିତ ମୋଦି, ପତିତପାବନ ସାହୁ, ଅଭୟ ନନ୍ଦ, ତିଲେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ଭାରିଯାନରୁ ଡିଜେଲ ଚୋରିକରି ୩ ଗିରଫ

ଦେବଗଡ଼,୭।୮(ଡି.ଏନ୍.ଏ.)

ବାରକୋଟ ଥାନା ଠାରୁ ଅନତି ଦୂରରେ ଥିବା ବଣେଇ ଛକ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ଭାରିଯାନ ଗୁଡ଼ିକରୁ ଡିଜେଲ ଚୋରି କରୁଥିବା ଅଭିଯୋଗରେ ବାରକୋଟ ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଗତ ଗୁରୁବାର ରାତି ପ୍ରାୟ ୮ ଟାରେ ବଣେଇ ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଛିଡା ହୋଇଥିବା ଭାରିଯାନଗୁଡ଼ିକରୁ କେତେକ ଦୁର୍ବୃତ୍ତ ଡିଜେଲ ଚୋରି କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବାରକୋଟ ଥାନା ଅଧିକାରୀ କନକ ମାଝିଙ୍କ ନିର୍ଦ୍ଦେଶରେ ଏସଆଇ ଦେବବ୍ରତ ନାୟକ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସେଠାରେ ବାହାଡାପୋଷି ଗ୍ରାମର କୁମୁଦ ମହାକୁଳଙ୍କ ପୁଅ ଯୋଗେଶ୍ୱର ମହାକୁଳ (୨୧) ଓ ଗୁଣନିଧି ବଣିଚୁଳଙ୍କ ପୁଅ ଦୀପକ ବଣିଚୁଳ (୨୨) ଏକ ମାଲ ବାହି ଅଟୋ (ଓଡି -୧୪-ପି -୬୭୯୮)ଯୋଗେ ଏକ ଜର୍କିନରେ ପ୍ରାୟ ୫୦ ଲିଟର ଡିଜେଲ ଚୋରିକରି ନେଉଥିବା ବେଳେ ପୋଲିସ ଅଟକ ରଖି ଯାଞ୍ଚ କରିବା ପରେ ଅଧିକ ପଚରାଉଚୁରା ପାଇଁ ବାରକୋଟ ଥାନାକୁ ଆଣିଥିଲେ। ସେଠାରେ ଅଭିଯୁକ୍ତମାନେ ବାହାଡାପୋଷି ଗ୍ରାମର ନାରାୟଣ ସାହୁଙ୍କ ପୁଅ ସଞ୍ଜୟ କୁମାର ସାହୁଙ୍କ ନିର୍ଦ୍ଦେଶରେ ସଞ୍ଜୟଙ୍କ ଅଟୋ ଧରି ସେମାନେ ୪୯ନମ୍ବର ଜାତୀୟ ରାଜପଥରେ ଛିଡା ହେଉଥିବା ଭାରିଯାନ ଗୁଡ଼ିକରୁ ଡିଜେଲ ଚୋରି କରୁଥିବା ପ୍ରକାଶ କରିବା ପରେ ପୋଲିସ ଯୋଗେଶ୍ୱର, ଦୀପକ ଓ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।


ଗିରଫ ୩ ଯୁବକ।

# ଇଡ୍‌କୋକୁ ଜମି ହସ୍ତାନ୍ତର ପାଇଁ ବିରୋଧ

ଲହୁଣୀପଡା, ୭।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ଶରଧାପୁର, ଦେଓପୋଷ, ଗଡଗଡିଆ, କାଳିଆପୋଷ ଗ୍ରାମର ଲୋକମାନେ ଇଡକୋକୁ ଜମି ହସ୍ତାନ୍ତର କରିବା ପାଇଁ ବିରୋଧ କରିଥିବା ଜଣାପଡିଛି। ଏଥିପାଇଁ ଗ୍ରାମବାସୀ ଗତ ମେ ମାସରେ ଲହୁଣୀପଡା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ଏହାର ଅବିକଳ ନକଲ ଜିଲାପାଳ ସୁନ୍ଦରଗଡ, ଆରଡିସି ସମ୍ବଲପୁର, ରାଜସ୍ୱ ମନ୍ତ୍ରୀ ଓଡିଶାଙ୍କୁ ମଧ ପ୍ରେରଣ କରିଥିଲେ। ସୂଚନା ଅନୁସାରେ କାଳିଆପୋଷ ଗ୍ରାମ (ଶରଧାପୁର) ଖାତା ନମ୍ବର ୨୯ର ପ୍ଲଟ ନମ୍ବର ୪୪୬ ପିତତ ୨ ଏକର ୩୮ ଡିସିମିଲ ଏବଂ ପ୍ଲଟ ନମ୍ବର ୪୪୬/୪୪୮ ପତିତର ୬ ଏକର ୫୦ ଡିସିମିଲ ମୋଟ ୮ ଏକର ୮୮ ଡିସିମିଲ ଜମିକୁ ଇଡକୋ ଭୁବନେଶ୍ୱରଙ୍କୁ ହସ୍ତାନ୍ତର କରିବା ପାଇଁ ନୋଟିସ ଜାରି କରିଛନ୍ତି। କିନ୍ତୁ ଏହା ଆମମାନଙ୍କର ନିତ୍ୟ ବ୍ୟବହାରରେ ଲାଗୁଛି। ଉକ୍ତ ଜମିଗୁଡିକରେ ଚାରୋଟି ଗ୍ରାମର ଗୋରୁ, ଛେଳି, ମେଣ୍ଢା ଚରାଉଛୁ। କାରଣ ବିଗତ ୨୦୦୧ ମସିହାରେ ଶରଧାପୁର ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲ ଗୋଚର, ପତିତ ଜମିରୁ ପ୍ରାୟ ୧୨ ଏକର ଜମି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ଲିଜ ଆକାରରେ ଦେଇଦେବା ପରେ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୂଚନା ଥାଉକି ୨୦୧୦ ମସିହାରେ କାଳିଆପୋଷ, ଗଡଗଡିଆ, ଦେଓପୋଷ, ଗମଲେଇ ଗ୍ରାମର ପ୍ରାୟ ୨୮ ଏକର ୩୩ ଡିସିମିଲ ଜମିକୁ ଲିଜ ଦେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଥିବା ବେଳେ ଉପରୋକ୍ତ ଗ୍ରାମର ଗୃହପାଳିତ ପଶୁଙ୍କ ଚାରଣ ଭୂଇଁ, ଶବସତ୍କାର କରି ଆସୁଥିବାରୁ ବିରୋଧ କରିଥିଲୁ। ଫଳରେ ତାହା ସ୍ଥଗିତ ହୋଇ ରହିଯାଇଥିଲା। ଉପରେ ଦର୍ଶାଯାଉଥିବା ପ୍ଲଟ ନମ୍ବର ଜମିର ନିକଟରେ ଅବସ୍ଥିତ ବି.ଆର. ସ୍ୱଞ୍ଜ କାରଖାନା ଅବସ୍ଥିତ ଥିବା ବେଳେ ସେହି ପ୍ଲଟ ମାନଙ୍କରେ ତୁମକଲା, ସମରଦାରି, ଲୁଥୁର୍ବା, ଶରଧାପୁରୁ ଗ୍ରାମର ୯ଜଣ ଆଦିବାସୀ ଭୂମିହୀନଙ୍କୁ ୧୯୮୧/୮୨ ମସିହାରେ ବାସଗୃହ ଓ ଚାଷ ଜମି ସରକାରଙ୍କ ତରଫରୁ ଚିହ୍ନଟ କରି ଯୋଗାଇ ଦିଆଯାଇଥିଲା। ଅଦ୍ୟାବଧି ସେ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ ମଧ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯାଇ ନ ଥିବା ଜଣାପଡିଛି। ଏହି ଆଦିବାସୀ ଭୂମିହୀନଙ୍କ ପାଖରେ ଜମି ପଟ୍ଟା ନ ଥିବା ଜାଣି ଉକ୍ତ ଜମିକୁ ଜବରଦଖଲ କରାଯାଇଥିବା ସର୍ତ୍ତେ ଇଡକୋକୁ ପୁନଶ୍ଚ ଲିଜ ଦେବା ପାଇଁ ଲହୁଣୀପଡା ତହସିଲଦାର ଉକ୍ତ ୯ ଜଣ ଆଦିବାସୀ ଜମିହୀନ ଏବଂ ଉକ୍ତ ଚାରୋଟି ମୌଜାର ଧନେଶ୍ୱର ମାହାନ୍ତ, ହରିହର ମାହାନ୍ତ, ରାଜକିଶୋର ମାହାନ୍ତ, ମୋତିଲାଲ ସାହୁ, ବିଆର ସ୍ୱଞ୍ଜ ମ୍ୟାନେଜର, ଇଡକୋ ଲ୍ୟାଣ୍ଡ ଅଫିସର ପ୍ରଭୃତିଙ୍କୁ ନୋଟିସ ଜାରି କରି ଶୁକ୍ରବାର ଶୁଣାଣି କରିଥିବା ଜଣାପଡିଛି। ଏହି ଶୁଣାଣିରେ ଲହୁଣୀପଡା ତହସିଲଦାରଙ୍କ ଅଦାଲତରେ ପୃଥକ ପୃଥକ ଭାବେ ଡକାଇ ଶୁଣାଣୀ କରିଥିଲେ ମଧ ଭୂମିହୀନ ଆଦିବାସୀମାନେ ଲିଜ ଦେବାକୁ ବିରୋଧ କରିବା ସହିତ ତାଙ୍କୁ ତୁରନ୍ତ ଜମିପଟ୍ଟା ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଉପସ୍ଥିତ ଗ୍ରାମବାସୀମାନେ ଉକ୍ତ ଜମିକୁ ଇଡକୋ ଭୁବନେଶ୍ୱରକୁ ହସ୍ତାନ୍ତର କରାଗଲେ ଆମ ଗୃହପାଳିତ ପଶୁମାନେ କୋଉଁଠି ଚରିବେ ଏବଂ ଶବ ସତ୍କାର କେଉଁ ସ୍ଥାନରେ କରାଯିବ ବୋଲି ପ୍ରଶ୍ନ କରିବା ସହିତ ଇଡକୋ ଭୁବନେଶ୍ୱରକୁ ଉକ୍ତ ଜମି ହସ୍ତାନ୍ତର ନ କରିବା ପାଇଁ ଦାବି କରିଥିବା ଜଣାପଡିଛି।


ଇଡକୋକୁ ଜମି ହସ୍ତାନ୍ତର କରିବା ପାଇଁ ବିରୋଧ କରୁଥିବା ଲୋକେ।

## ଗ୍ରାମ ସମସ୍ୟା ନେଇ ଭାଜପା ଯୁବମୋର୍ଚ୍ଚାର ଆଲୋଚନା

ଝାରସୁଗୁଡ଼ା ଅଫିସ: କିର୍ମିରା ବ୍ଲକ୍ ଅର୍ଡା ଗ୍ରାମର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ମହେଶ୍ୱର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯୁବମୋର୍ଚ୍ଚା ସଭାପତି ନାୟକ, ଉପସଭାପତି ଅନିଲ ସାହୁ ପ୍ରମୁଖ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏହାର ସମାଧାନ ପାଇଁ ପ୍ରୟାସ କରିବେ ବୋଲି କହିଛନ୍ତି। ପାନୀୟଜଳ, ରାସ୍ତା, ଆଲୋକୀକରଣ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା କ୍ଷେତ୍ରରେ ବ୍ଲକ୍ ଓ ଜିଲା ପ୍ରଶାସନ ଅଣଦେଖା କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯୁବମୋର୍ଚ୍ଚା ସଭାପତି ନାୟକ ଏମ୍‌ପି ସୁରେଶ ପୂଜାରୀ, ଜିଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ



ରେଢ଼ାଖୋଲ,୭।୮(ଡି.ଏନ.ଏ.): ରେଢ଼ାଖୋଲ ଅବକାରୀ ବିଭାଗ ଶନିବାର ସକାଳେ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି ତାଙ୍କଠାରୁ ୪ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଢ଼ାଖୋଲ ଥାନା ତେରବେଡ଼ା ଗ୍ରାମର ପୂର୍ଣ୍ଣ ନାଗ (୫୮) ବୋଲି ଅବକାରୀ ସବ୍‌ଇନ୍ସପେକ୍ଟର ବିଷ୍ଣୁଚରଣ ମଲ୍ଲିକ କହିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରେଢ଼ାଖୋଲ ଅତିରିକ୍ତ ଜିଲା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାମତେ ସକାଳ ୮ଟାରେ ପୂର୍ଣ୍ଣ ଏକ ଜରିବସ୍ତାରେ ଗଞ୍ଜେଇ ଧରି ତେରବେଡ଼ା ଛକରେ ବସ୍‌କୁ ଅପେକ୍ଷା କରିଥିବା ଖବର ପାଇ ସବ୍‌ଇନ୍ସପେକ୍ଟର ମଲ୍ଲିକଙ୍କ ସହ ଏଏସ୍‌ଆଇ ବିନୋଦିନି ବେହେରା, କନଷ୍ଟେବଲ ମୋହନ ବେହେରା, ଶ୍ୟାମ ଭୋଇ ପ୍ରମୁଖ ଚଢ଼ାଉ କରିଥିଲେ।

### ଓଏସ୍‌ଓୟୁରେ ଜାତୀୟ ସେମିନାର

ସମ୍ବଲପୁର,୭।୮ (ବ୍ୟୁରୋ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଲକ୍ଷ୍ୟ ପାଇଁ ଯୋଜନା ଓ ସଫଳତାକୁ ଶିଡ଼ି ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ରଙ୍କ ଅଧକ୍ଷତାରେ ଏହା ହୋଇଥିଲା। ଆମେଟି ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ତନୁଶ୍ରୀ ପୁରୋହିତ ଯୋଗଦେଇ ପରିଚାଳନା ଓ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ଡ. ମାନସରଞ୍ଜନ ପୂଜାରୀ ଶିକ୍ଷାର ବିକାଶ ଓ ଶିକ୍ଷାଦାନ ବିଷୟରେ ସୂଚନା ଦେଇଥିଲେ। ଭର୍ଚୁଆଲ ଜରିଆରେ ଆୟୋଜିତ ଜାତୀୟ ସେମିନାରରେ ଦେଶର ବିଭିନ୍ନ ଅଞ୍ଚଳରୁ ୧ହଜାର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ସାମିଲ ହୋଇଥିଲେ।

### କୁଚିଣ୍ଡା ନିର୍ବାଚନମଣ୍ଡଳୀ ଭାଜପାର ବିକ୍ଷୋଭ

କୁଚିଣ୍ଡା, ୭।୮(ଡି.ଏନ.ଏ.): ଷ୍ଟାଫ୍ ସିଲେକ୍ସନ କମିଶନ ସଦସ୍ୟଙ୍କ ପିଏସ୍ ବିରଞ୍ଚି ନାରାୟଣ ସାହୁ ଗିରଫ ହେବା ପରେ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ମେଧା ପରିବର୍ତ୍ତେ ଟଙ୍କା କାରବାର ହେଉଥିବା ନେଇ ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ପକ୍ଷରୁ ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଶନିବାର କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପିଡବ୍ଲ୍ୟୁଡି ଆଇବିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତୁଳିକା ଦାହ କରିଥିଲେ। ଏଥିରେ ସମ୍ବଲପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି, ଉପସଭାପତି ଧିବେଶ ପ୍ରଧାନ, ଧିନେଶ ସାହୁ, ସମ୍ପାଦକ ମନୋରଞ୍ଜନ ଥାପ୍ପା, ଜିଲା ସାଧାରଣ ସମ୍ପାଦକ ସୁଶିଲ କର, କୁଚିଣ୍ଡା ନଗର ସଭାପତି କାହ୍ନୁଚରଣ ନାୟକ, ଉପସଭାପତି ମହେଶ ରାଏ ଯୋଗଦେଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

# ମନ୍ତ୍ରୀଙ୍କୁ ଦାବି ଜଣାଇବ ନାଗରିକ ପରିଷଦ

ଝାରସୁଗୁଡ଼ା ଅଫିସ,୭।୮



ବୈଠକରେ ଉପସ୍ଥିତ ନାଗରିକ ପରିଷଦର କର୍ମକର୍ତ୍ତା।

**ଲଖନପୁର ବ୍ଲକ୍ ବିଭାଜନ, ସବ୍‌ଡିଭିଜନ ମାନ୍ୟତା ଦାବି**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ରାଜ୍ୟର ଦ୍ୱିତୀୟ ସର୍ବବୃହତ ବ୍ଲକ୍ ଭାବେ ପରିଚିତ। ଏହି ବ୍ଲକ୍‌ରେ ୩୩ ପଞ୍ଚାୟତ ରହିଥିବାବେଳେ ଏହାର ପରିସୀମା ଛତିଶଗଡ ସୀମାକୁ ଲାଗିଛି। ବ୍ଲକ୍ ମୁଖ୍ୟାଳୟରୁ ଛତିଶଗଡ ସୀମା ୧୯ଖଣ୍ଡ ମୌଜା ୭୦ରୁ ୮୦ କିଲୋମିଟର ଦୂର। ଅନେକ ସମୟରେ ଲୋକେ ଖର୍ଚ୍ଚାନ୍ତ ହୋଇ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ଲକ୍‌କୁ ୩ଭାଗରେ ବିଭକ୍ତ ସାଙ୍ଗକୁ ଲଖନପୁରକୁ ସବ୍‌ଡିଭିଜନ ମାନ୍ୟତା ଦାବି ହୋଇଆସୁଛି। ଏ ନେଇ ଲଖନପୁର ନାଗରିକ ପରିଷଦ ଲଢେଇ ଜାରି ରଖିଛି।

ଏହି ପରିପ୍ରେକ୍ଷୀରେ ନାଗରିକ ପରିଷଦ ତରଫରୁ ଭିଖମପାଲି ଘଣ୍ଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ପରିଷଦ ସଦସ୍ୟ ପୌଲସ୍ତ୍ୟ ମେହେରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ବିଗତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନାଗରିକ ପରିଷଦ ୨୦୨୦ ନଭେମ୍ବର ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ଗଣଧାରଣା ଦେଇଥିବାବେଳେ ଗତ ଜାନୁୟାରୀ ୨୧ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଧାରଣା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ସ୍ଥାନୀୟ ଏମ୍‌ପି, ବିଧାୟକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନୈତିକ ସମର୍ଥନ ଜଣାଇଥିଲେ। ସେ ସମୟରେ ନାଗରିକ ପରିଷଦର ଏକ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ହେଲେ କରୋନା ଯୋଗୁ ଏହା ସ୍ଥଗିତ ରହିଥିଲା। ସ୍ଥିତି ସୁଧୁରିବା ପରେ ଏବେ ପରିଷଦର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବିରଞ୍ଚି ସାହୁ, ଗୋପୀନାଥ ମାଝି, ପିତାମ୍ବର ମିଶ୍ର, ପ୍ରଦୀପ ବିଶ୍ୱାଳ, ନିର୍ମଳ ମିଶ୍ର, ଦୁଃଖୀଶ୍ୟାମ ପଟ୍ଟନାୟକ, ପ୍ରେମାନନ୍ଦ ପଟେଲ, କୃଷ୍ଣଚନ୍ଦ୍ର କାଲୋ, ଜନାର୍ଦ୍ଦନ ପଣ୍ଡା, ଅଲେଖ ବାରିକ, ଜଗବନ୍ଧୁ ସା ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ଆଇଆଇଏମ୍-ଫ୍ଲିପକାର୍ଟ ଏମ୍‌ଓୟୁ ହେବ

ସମ୍ବଲପୁର,୭।୮(ବ୍ୟୁରୋ)

**କ୍ଷୁଦ୍ର ବ୍ୟବସାୟୀ, କାରିଗରଙ୍କୁ ମିଳିବ ପ୍ରୋତ୍ସାହନ**

କ୍ଷୁଦ୍ର ବ୍ୟବସାୟୀ ଓ କାରିଗରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସମ୍ବଲପୁର ଆଇଆଇଏମ୍ ଓ ଫ୍ଲିପ୍‌କାର୍ଟ ମଧ୍ୟରେ ଖୁବ୍‌ଶୀଘ୍ର ଏମ୍‌ଓୟୁ ସ୍ୱାକ୍ଷର ହେବ। ଏ ନେଇ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଓ ଫ୍ଲିପ୍‌କାର୍ଟ ଗ୍ରୁପର ମୁଖ୍ୟ କର୍ପୋରେଟ ଆଫାୟାର ଅଫିସର ରଜନୀଶ କୁମାରଙ୍କ ମଧ୍ୟରେ ଭର୍ଚୁଆଲ ମାଧ୍ୟମରେ ଆଲୋଚନା ହୋଇଛି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ କହିଛନ୍ତି, ଫ୍ଲିପ୍‌କାର୍ଟ ଓ ଇ-କମର୍ସ ଶିଳ୍ପ ସହିତ ଆମର ସହଭାଗିତା କ୍ଷୁଦ୍ର ବ୍ୟବସାୟ ଓ କାରିଗରମାନଙ୍କ ପାଇଁ ସହାୟତା ହେବ। ଟେକ୍ନୋଲୋଜିର ଉପଯୋଗ କରିବା ଓ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ଆନୁଷ୍ଠାନିକ ଶିକ୍ଷା ଓ ବ୍ୟବହାରିକ ଶିଳ୍ପ ଅଭିଜ୍ଞତାକୁ ଏକତ୍ରିତ କରି ଉଦ୍ୟୋଗୀମାନଙ୍କ ବିକାଶ ପାଇଁ କାର୍ଯ୍ୟ କରାଯିବ। ଫ୍ଲିପ୍‌କାର୍ଟ ଗ୍ରୁପ୍‌ର ରଜନୀଶ କୁମାର କହିଛନ୍ତି, ଏକ ଘରୋଇ କମ୍ପାନୀ ଭାବେ ସମାବେଶୀ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଚେଷ୍ଟା କରାଯାଉଛି। ଅଗଣିତ ଉଦ୍ୟୋଗୀଙ୍କ ଜୀବନ ଓ ଭାରତର ଉପେକ୍ଷିତ ସମୁଦାୟଗୁଡ଼ିକ ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଉଦ୍ଦେଶ୍ୟ ରହିଛି। ଆଇଆଇଏମ୍ ସମ୍ବଲପୁର ସହିତ ସହଭାଗିତା ମାଧ୍ୟମରେ ସର୍ବଭାରତୀୟ ବଜାରରେ ସେବା ପ୍ରଦାନ କରୁଥିବା ଆମ ଟିମ୍‌ର ବିଶେଷଜ୍ଞତା, ଟେକ୍ନୋଲୋଜି, ଶିକ୍ଷା ଓ ଦୃଷ୍ଟିକୋଣ, ଏମ୍‌ଏସ୍‌ଏମ୍‌ଇ, କାରିଗର ଓ ଭାରତୀୟ ହସ୍ତକଳା ଶିଳ୍ପ ହାତ ପାହାନ୍ତାରେ ପହଞ୍ଚିବ। ଉତ୍କଳିକା, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ ଭଳି ପ୍ରତିଷ୍ଠିତ ଓଡ଼ିଆ ବ୍ରାଣ୍ଡଗୁଡ଼ିକ ସହିତ ସହଯୋଗ କରାଯାଉଛି। ସହର ଓ ଦୁର୍ଗମ ଅଞ୍ଚଳରେ ରହୁଥିବା ହସ୍ତତନ୍ତ କାରିଗର ନିଜର ଉତ୍ପାଦ ବିକ୍ରି କରିବାକୁ ସକ୍ଷମ ହେବେ ବୋଲି କହିଥିଲେ।

# ଜାତିଆଣ ଆକ୍ଷେପ ନେଇ ଥାନା ଘେରାଉ



କ୍ଷେତରାଜପୁର ଥାନା ଘେରାଉ କରିଛନ୍ତି ଘୁନଘୁଟିପଡାବାସୀ।

ସମ୍ବଲପୁର,୭।୮(ବ୍ୟୁରୋ)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନାର ଘୁନଘୁଟି ପଡାବାସୀଙ୍କୁ ଜାତିଆଣ ଅକ୍ଷେପ ସହ ଗୋମାଂସ ଖାଉଥିବା ନେଇ ସାମାଜିକ ଗଣମାଧ୍ୟମରେ ଖବର ପ୍ରଚାରିତ ହୋଇଛି। ଏହାକୁ ପଡାବାସୀ ବିରୋଧ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ୨୪ଘଣ୍ଟା ଭିତରେ ଗିରଫ ଦାବିକରି ଶନିବାର ଥାନା ଘେରାଉ କରିଥିଲେ। ଏହା ସହ ଆଇନ ଅନୁସାରେ ମାମଲା ରୁଜୁ କରାଯାଉ ବୋଲି ଦାବି କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୋଗ କ୍ରମେ ସମ୍ପୃକ୍ତ ଯୁବକ ମନ୍ଦ ଉଦ୍ଦେଶରେ ଗଣ୍ଡା ଜାତିକୁ ନେଇ କଟୁ ମନ୍ତବ୍ୟ ଦେଇଛନ୍ତି। ଏଥିରେ ଘୁନଘୁଟି ପଡାବାସୀଙ୍କ ନାମ ଉଲ୍ଲେଖ ଥିବାବେଳେ ଗୋ ମାଂସ ଖାଇବା ନେଇ ମଧ୍ୟ ଲେଖାଯାଇଛି। ଗୋଟିଏ ଜାତିକୁ ବଦନାମ କରାଯାଉଥିବାରୁ ଏହା ଅପରାଧିକ କାର୍ଯ୍ୟ। ଆଇନଗତ ପଦକ୍ଷେପ ନିଆ ନ ଗଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ସମ୍ବଲପୁର,୭।୮ (ବ୍ୟୁରୋ)

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ତଥା ପିଡି ଡିଆର୍‌ଡିଏ ସୁକାନ୍ତ ତ୍ରିପାଠୀ ଅଧକ୍ଷତା କରିଥିଲେ। ଚଳିତ ବର୍ଷ ନେଲସନ୍ ମଣ୍ଡେଲା- ଜେଲ ଛକ ରାସ୍ତାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପ୍ରାତଃରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯିବ। ପ୍ରଶାସନିକ ଅଧିକାରୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ନିଷ୍ପତ୍ତି ହୋଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ସ୍ୱାଧୀନତା ଦିବସ ପାଳନ ହେବ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍କୁଲ ଛାତ୍ରୀଛାତ୍ରଙ୍କ ପରେଡ ହେବ ନାହିଁ। କେବଳ ଅଧିକାରୀ ଓ ପୁରସ୍କାର ଗ୍ରହଣ ଲାଗି କୃତୀ ପ୍ରତିଯୋଗୀମାନେ ଉପସ୍ଥିତ ରହିବେ। ବୈଠକରେ ଅତିରିକ୍ତ ଜିଲାପାଳ ପଦ୍ମନାଭ ବେହେରା, ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଶିକ୍ଷାନବିଶ ଆଶୁତୋଷ କୁଲକର୍ନି ଯୋଗଦେଇଥିଲେ।

### ବୁଢ଼ାରଜା ପାହାଡ଼ ଶାନ୍ତିଧାମରେ ଚାରା ରୋପଣ

ସମ୍ବଲପୁର,୭।୮ (ବ୍ୟୁରୋ)

ବୁଢ଼ାରଜା ପାହାଡ ଶାନ୍ତିଧାମ ଅଞ୍ଚଳରେ ଶନିବାର ଚାରା ରୋପଣ କରାଯାଇଛି। ବିଭିନ୍ନ ଔଷଧୀୟ ସମେତ ଜାମୁ, ଲିମ୍ବ, ଶିଶୁ, ସାହାଡା ଓ ଫଳ ଚାରା ରୋପଣ କରାଯାଇଥିଲା। ପ୍ରଦୀପ କୁମାର ପଣ୍ଡା, ବୀରସେନ ସାହୁ, ମେଘୁ ମୁଣ୍ଡା, ଫଗୁ ମୁଣ୍ଡା, କାର୍ତ୍ତିକ ପ୍ରସାଦ ବହିଦାର ଯୋଗଦେଇଥିଲେ। ଆସନ୍ତା ୨୧ ତାରିଖରେ ବୁଢ଼ାରଜା ବନସଂରକ୍ଷଣ ସମିତି ପକ୍ଷରୁ ବୃକ୍ଷରେ ରାଖୀ ବାନ୍ଧିବା କାର୍ଯ୍ୟକ୍ରମ କରାଯିବ ବୋଲି କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ।

# ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ଯୋଗଦାନ



ନୂତନ କୁଳପତିଙ୍କୁ ସ୍ୱାଗତ କରାଯାଉଛି।

ସମ୍ବଲପୁର,୭।୮ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ନୂତନ କୁଳପତି ପ୍ରଫେସର ବଂଶୀଧର ମାଝି ଶୁକ୍ରବାର ଯୋଗଦାନ କରିଛନ୍ତି। ଭାରପ୍ରାପ୍ତ କୁଳପତି ପ୍ରଫେସର ବିଭୂତିଭୂଷଣ ପତିଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ପ୍ରାଧ୍ୟାପକ ଓ କର୍ମଚାରୀମାନେ ନୂତନ କୁଳପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ବିଭାଗୀୟ ମୁଖ୍ୟ ଓ ସମସ୍ତ ଡିନ୍‌ଙ୍କ ସହ ସେ ଆଲୋଚନା କରିଥିଲେ। ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କଲେ ବିଶ୍ୱବିଦ୍ୟାଳୟର ବିକାଶ ହେବ ବୋଲି ସେ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ ଯେ, ପ୍ରଫେସର ମାଝିଙ୍କର ଅଧ୍ୟାପନା କ୍ଷେତ୍ରରେ ୩୦ବର୍ଷ ଓ ପ୍ରଶାସନିକ କ୍ଷେତ୍ରରେ ୧୫ବର୍ଷର ଅଭିଜ୍ଞତା ରହିଛି। ତାଙ୍କ ଅଧୀନରେ ୧୯ ଜଣ ପିଏଚ୍‌ଡି ଓ ୮ ଜଣ ଏମ୍‌ଟେକ୍ ଛାତ୍ରୀଛାତ୍ର ଗବେଷଣା କରିଛନ୍ତି। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗତ ଜୁନ ୨୮ ତାରିଖରେ ତାଙ୍କୁ ଭିସୁଟ୍ କୁଳପତି ଭାବେ ନିଯୁକ୍ତ କରିଥିଲେ।

# ରୋହିଦାସ ସେବା ସଂଘର ହକି ଖେଳାଳିଙ୍କ ପରିବାରକୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା ଅଫିସ,୭।୮



ଅମିତଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଉଛି।

ଭାରତୀୟ ହକି ଦଳରେ ସ୍ଥାନ ପାଇଥିବା ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ୍ ସୁନାମରା ଗ୍ରାମର ଖେଳାଳି ଅମିତ ରୋହିଦାସଙ୍କୁ ଝାରସୁଗୁଡା ଜିଲା ରୋହିଦାସ ସେବା ସଂଘ ତରଫରୁ କୃତଜ୍ଞାତ ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ କର୍ମକର୍ତ୍ତା ଶନିବାର ଅମିତଙ୍କ ଗ୍ରାମରେ ପହଞ୍ଚି ଦେଶପାଇଁ ଗର୍ବ ଆଣିଥିବାରୁ ତାଙ୍କ ପରିବାରକୁ କୃତଜ୍ଞତା ଜଣାଇଛନ୍ତି। ପରେ ଅମିତଙ୍କ ମାଆ ଓ ଭାଇଙ୍କୁ ଉପଢୌକନ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଝାରସୁଗୁଡା ଜିଲା ସେବା ସଂଘ ସଧାରଣ ସମ୍ପାଦକ ସନାତନ ରୋହିଦାସ, କୋଷାଧ୍ୟକ୍ଷ ହରିହର ରୋହିଦାସ, ବସନ୍ତ ରୋହିଦାସ ଓ ବିଜେଡି ଅନୁସୂଚିତ ଜାତି ସେଲ୍ ସଭାପତି ଜୟ ପ୍ରକାଶ କୁଅଁର ପ୍ରମୁଖ ଯୋଗଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର

ଝାରସୁଗୁଡ଼ା ଅଫିସ,୭।୮

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚଳିତବର୍ଷ ଝାରସୁଗୁଡ଼ା ଜିଲାରେ ଚାଷ କାମ ବିଳମ୍ବ ହୋଇଛି। ଗୋଟିଏ ପଟେ ଚାଷୀ ଚନ୍ତାରେ ରହି ଚାଷକାମ କରୁଥିବାବେଳେ ଅନ୍ୟପଟେ ସରକାର ଧାନ ବିକ୍ରିପାଇଁ ନାମ ପଞ୍ଜୀକରଣ ସମୟସୀମା ଅଗଷ୍ଟ ୧୫ ପର୍ଯ୍ୟନ୍ତ ରଖିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେରଖି ପଞ୍ଜୀକରଣ ସମୟସୀମା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଭାଜପା ଦାବି କରିଛି। ଏହାସହ ରାଜ୍ୟରେ ସାର ମହଜୁଦ୍ ଥିଲେ ମଧ୍ୟ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫଳରେ ଚାଷୀ ଚଢ଼ାଦରରେ ଖୋଲା ବଜାରରୁ କିଣିବା ପାଇଁ ବାଧ୍ୟ ହେଉଛି। ଏ ଦିଗରେ ସରକାର ଦୃଷ୍ଟି ଦେବା ପାଇଁ ଭାଜପା ଦାବି କରିଛି। ଏହି ମର୍ମରେ ଦଳ ତରଫରୁ ଶନିବାର କିର୍ମିରା ବ୍ଲକ୍‌ର କିର୍ମିରା, ବାଗଡିହି ଓ ଅର୍ଡା ସୋସାଇଟି ଘେରାଉ କରାଯାଇ ସମ୍ପାଦକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପ୍ରେମସେନ ରାୟ, ମୁରାରି ପାଣିଗ୍ରାହୀ, ନୱାଲ ଅଗ୍ରୱାଲ, ବିଜୟ ଶର୍ମା, ମନୋଜ କୋଲେଟ, ସନ୍ତୋଷ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ନାକଟିଦେଉଳ କଲେଜରେ ସ୍ୱଚ୍ଛତା ପକ୍ଷ

ନାକଟିଦେଉଳ,୭।୮(ଡି.ଏନ.ଏ.)

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ପୃଥକ୍ ଭାବେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଅଧକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ପଙ୍କଜ ଦେହୁରି ଓ ଛାତ୍ରୀ ଦୀପ୍ତିମୟୀ ରାଉଳ ସ୍ୱଚ୍ଛତାର ଶପଥପାଠ କରାଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀଙ୍କ ସମେତ ୧୮୦ ଛାତ୍ରୀଛାତ୍ର ଯୋଗଦେଇ ଶପଥ ଗ୍ରହଣ କରିଥିଲେ। ସେହିପରି ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଜାତୀୟ ସେବା ଯୋଜନା ବାଳିକା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ବାଳକ ବିଭାଗର ଭଜମୋହନ ପ୍ରଧାନ, ରେଡ୍‌କ୍ରସ ସଂଯୋଜକ ଦେବେଶ କୁମାର ବିଶ୍ୱାଳ, ଅଧ୍ୟାପକ ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ ଉପସ୍ଥିତ ଥିଲେ।



କଲେଜ ପରିସରରେ ଶପଥପାଠ କରିବା ଅବସରରେ ଅଧ୍ୟାପକ, ଛାତ୍ରୀଛାତ୍ର।

# ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ଅଭିଭାବକ ମହାସଂଘ

ସମ୍ବଲପୁର,୭।୮ (ବ୍ୟୁରୋ)



ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଭାବକ ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**୧୫ ପ୍ରତିଶତ ସ୍କୁଲ ଫି' ଛାଡ ପ୍ରସଙ୍ଗ**

କରୋନା ମହାମାରୀ ଯୋଗୁ ରାଜ୍ୟ ଓ ଦେଶରେ ଆର୍ଥିକ ସଙ୍କଟ ଦେଖାଦେଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ମଧ ଘରୋଇ ସ୍କୁଲରେ ୧୫ ପ୍ରତିଶତ ସ୍କୁଲ ଫି' ଛାଡ କରାଯାଉ ନାହିଁ। ଶନିବାର ଓଡ଼ିଶା ଅଭିଭାବକ ମହାସଂଘ ସମ୍ବଲପୁର ଜିଲାପାଳ ଦାୟିତ୍ୱରେ ଥିବା ସୁକାନ୍ତ ତ୍ରିପାଠୀ ଓ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଆସନ୍ତା ୭ଦିନ ମଧ୍ୟରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ମହାସଂଘ ପ୍ରତିନିଧି ଦଳ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ବୈଠକ କରି ସମସ୍ୟା ସମାଧାନ କରାଯିବ ବୋଲି ତ୍ରିପାଠୀ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ରରେ ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ଶିବ ରାମ, ସମସନ୍ ରସେଲ, ଜିଲା ଆବାହକ ବିଶ୍ୱଜିତ ମିଶ୍ର, ମଧୁସୂଦନ ମିତ୍ର, ସୁରଜ ବିଶ୍ୱାଳ, ସଞ୍ଜୀବ ସାହୁ, ରାଜ୍ୟ ସମ୍ପାଦକ ଚିତ୍ତ ବେହେରାଙ୍କ ସ୍ୱାକ୍ଷର ରହିଛି। ସେହିପରି ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ଜିଲା କମିଟିର ବୈଠକ ବୁଢ଼ାରଜାଠାରେ ହୋଇଥିଲା। ବାବୁଲି ବେହେରା, ରୋହିତ ମିଶ୍ର, ଅମରେଶ ପରିଡା, ଜର୍ଜିତ ସିଂ ରାଇନା, ଜିତେନ୍ଦ୍ର ଜାଲଙ୍କ ସମେତ ୫୯ ଜଣ ଅଭିଭାବକ ଯୋଗ ଦେଇଥିଲେ। ସମ୍ବଲପୁର ଜିଲାରେ ଫି ଛାଡ ନିର୍ଦ୍ଦେଶର ସଠିକ କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର କରାଯାଇଛି।

**୩ କୁଇଣ୍ଟାଲ ଗଞ୍ଜେଇ ଜବତ: ଦୁଇ ଗିରଫ**

ବଲାଙ୍ଗୀର ଅଫିସ: ଏକ ଟ୍ରକ ଯୋଗେ କୋରାପୁଟ ଜିଲା ଜୟପୁର ଅଞ୍ଚଳରୁ ଛତିଶଗଡ ଚାଲାଣ ହେଉଥିବା ଗଞ୍ଜେଇ ବୋଝେଇ ଟ୍ରକକୁ ଭୁବନେଶ୍ୱର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଜବତ କରିଛି। ଏହି ଟ୍ରକରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ବଲାଙ୍ଗୀର ସହର ଉପକଣ୍ଠରେ ଏହି ଟ୍ରକକୁ ଏନ୍‌ସିବିର ଏକ ଟିମ୍ ଜବତ କରିଥିଲା। ଟ୍ରକରେ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଟିମ୍ ଗିରଫ କରିଥିବା ଜଣାପଡିଛି। ଚଢ଼ାଉ ବେଳେ ଟାଉନ ଥାନା ପକ୍ଷରୁ ସହାୟତା କରାଯାଇଥିଲା।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଲାଞ୍ଜିଗଡ଼,୭।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ଥାନା ୬ ନମ୍ବର ରାଜ୍ୟ ରାଜପଥ ବଡ଼ଧାରପୁର-ଶାନ୍ତିପୁର ରାସ୍ତାକଡ଼ ପୋଖରୀରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହକୁ ନର୍ଲା ପୋଲିସ ଜବତ କରିଛି। ମୃତକ ହେଲେ ଲାଞ୍ଜିଗଡ଼ସ୍ଥିତ ଆଶ୍ରମପଡାର ଦୟା ମୁଣ୍ଡା (୪୭)। ସ୍ଥାନୀୟ ଲୋକେ ଗାଧୋଇବା ପାଇଁ ଯାଇଥିବା ବେଳେ ପୋଖରୀରେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ନର୍ଲା ପୋଲିସକୁ ଖବର ଦେଇଥିଲେ। ଡିଏସ୍‌ପି ତଥା ନର୍ଲା ଥାନା ଅଧିକାରୀ ଅଭିଷେକ ପାଣିଗ୍ରାହୀ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ନର୍ଲା ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ସହାୟତାରେ ମୃତହେଦ ବାହାର କରିଥିଲେ। ତଦନ୍ତ ପରେ ମୃତଦେହ ଲାଞ୍ଜିଗଡ଼ସ୍ଥିତ ଆଶ୍ରମପଡାର ଦୟାଙ୍କ ବୋଲି ଜଣାପଡିଥିଲା। ତାଙ୍କ ମୁହଁର ବିଭିନ୍ନ ସ୍ଥାନରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକସ୍ଥିତି ଦେଖିଲେ ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୧୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ଶିଳାନ୍ୟାସ, ଉଦ୍‌ଘାଟନ ସମାରୋହ

**ଅତାବିରା,୭।୮(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ସ୍ଥାନରେ ଶନିବାର ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଅନେକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରିଛନ୍ତି। ବିଧାୟିକା ପାହାଡ଼ଶ୍ରୀଗିଡ଼ାରେ କଲ୍ୟାଣମଣ୍ଡପର ଶିଳାନ୍ୟାସ, ଜମିଦାରପଡ଼ା ଏବଂ ବାବାଜୀମଠ ଚମାରପଡ଼ାରେ ପାନୀୟଜଳ ପ୍ରକଳ୍ପର ଉଦଘାଟନ କରିଥଲେ। ଏହି ଅବସରରେ ଏକ ସାଧାରଣ ସଭା ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ, ହରଜିତ ସିଂ,କେଦାର ମେହେର ପ୍ରମୁଖ ଅଞ୍ଚଳବାସୀଙ୍କୁ ତରଫରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ସରପଞ୍ଚ ବିଜୟ ଭୋଇ, ସମିତିସଭ୍ୟ ସୁଦାମ ମହାନନ୍ଦ, ପୂର୍ବତନ ସମିତିସଭ୍ୟା ପିଙ୍କି ପ୍ରଧାନ, ପୂର୍ବତନ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଶିଶୁପୁତ୍ରକୁ ରକ୍ତ ଦେଲେ ସ୍ୱେଚ୍ଛାସେବୀ

**ବରଗଡ଼ ଅଫିସ୍,୭।୮ :** ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ସୁମିତ ପ୍ରଧାନ(୧୦) ରକ୍ତ ଶିକୁଳି ରୋଗରେ ପୀଡ଼ିତ ହୋଇଛନ୍ତି। ତାଙ୍କୁ ଆବଶ୍ୟକ ପଡୁଥିବା ଏବି ପଜିଟିଭ୍ ରକ୍ତ ବରଗଡ଼ ରକ୍ତ ଭଣ୍ଡାରରେ ଉପଲବ୍ଧ ନ ଥିଲା। ଫଳରେ ତାଙ୍କୁ ରକ୍ତ ଦେବା ପାଇଁ ପରିବାର ଲୋକେ ଚିନ୍ତାରେ ପଡ଼ି ଯାଇଥିଲେ। ଖବର ପାଇ ଶୁକ୍ରବାର ରାତ୍ରି ୧୦ଟାରେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀ ସୁବ୍ରତ ଭୋଇ ଜିଲା ମୁଖ୍ୟ ଡାକ୍ତରଖାନା ପହଞ୍ଚି ତାଙ୍କୁ ରକ୍ତଦାନ କରିଥିଲେ।

### ଆଇଆଇଏଚ୍‌ଟିରେ ହସ୍ତତନ୍ତ ଦିବସ

**ବରଗଡ଼ ଅଫିସ୍,୭।୮:** ବରଗଡ଼ସ୍ଥିତ ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଏଚ୍‌ଟି)ରେ ଶନିବାର ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଛି। ଭର୍ଚୁଆଲ ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବୟନ ମନ୍ତ୍ରୀ ସମ୍ବୋଧିତ କରିଥିଲେ। ମହାମାରୀ ସମୟରେ ବୁଣାକାରମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ଉପରେ ବକ୍ତାମାନେ ମତପ୍ରକାଶ କରିଥିଲେ। ସଂସ୍ଥାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଏମ୍.ଆନନ୍ଦ, ଦେବେନ୍ଦ୍ର କୁମାର ଯାଦବ, ଅରୁଣ ଚନ୍ଦ୍ର, ଦିଲୀପ ମେହେର, ଡିଜାଇନର ରାଜେନ୍ଦ୍ର ସିକନ୍ଦର ପ୍ରମୁଖ ଉପସ୍ଥିତ ଥିଲେ ।

# କଟକଣାରେ ଦେବଦେବୀଙ୍କୁ ଦର୍ଶନ

**ସୋନପୁର,୭।୮(ନି.ପ୍ର.)**

### ଖୋଲିଲା ସମସ୍ତ ଧାର୍ମିକ ଅନୁଷ୍ଠାନ

କୋଭିଡ୍ କଟକଣା ସାମାନ୍ୟ କୋହଳ ହେବା ପରେ ସୁବର୍ଣ୍ଣପୁର ଜିଲା ପ୍ରଶାସନର ନିଷ୍ପତ୍ତି କ୍ରମେ ସମସ୍ତ ଧାର୍ମିକ ଅନୁଷ୍ଠାନ ଶନିବାର ଖୋଲିଛି। ଜିଲାର ଇଷ୍ଟ ଦେବୀ ମା' ସୁରେଶ୍ୱରଙ୍କ ମନ୍ଦିର ସମେତ ଇଷ୍ଟ ଦେବତା ସୁବର୍ଣ୍ଣମେରୁ, ଶୈବ ପୀଠ ରାମେଶ୍ୱର, ବୈଦ୍ୟନାଥସ୍ଥିତ କୋଶଳେଶ୍ୱର, ବୀରମହାରାଜପୁରର ଚମ୍ପେଶ୍ୱର, ଗୋଧନେଶ୍ୱର, ଚରଦାର କପିଳେଶ୍ୱର, ପାତାଳି ଶ୍ରୀକ୍ଷେତ୍ର, ମା' ମେଟାକାନୀ, ତେଲେଣ୍ଡାର ରାମଚଣ୍ଡୀ, କାଦୋଦରର ମାହେଶ୍ୱରୀଙ୍କ ମନ୍ଦିର ଖୋଲାଯିବା ପରେ କୋଭିଡ୍ କଟକଣାରେ ଦେବାଦେବୀଙ୍କୁ ଭକ୍ତ ଦର୍ଶନ କରିଛନ୍ତି। ସୁରେଶ୍ୱରୀଙ୍କ ମନ୍ଦିର ସକାଳେ ଖୋଲା ଯାଇଥିଲା। ଏହା ପୂର୍ବରୁ ଭୋର ସମୟରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ପରେ ନୀତିକାନ୍ତି ସହ ମା'ଙ୍କୁ ସୁଗନ୍ଧିତ ଜଳରେ ସ୍ନାନ କରା ଯାଇଥିଲା। ନୂତନ ପାଟବସ୍ତ୍ର, ଅଳଙ୍କାର ଓ ଫୁଲ ହାରରେ ମା'ଙ୍କୁ ସୁସଜ୍ଜିତ କରା ଯାଇଥିଲା। ମଙ୍ଗଳ ଆଳତି ପରେ ଧାର୍ଯ୍ୟ ସମୟରେ ମନ୍ଦିର ଭକ୍ତଙ୍କ ପାଇଁ ଖୋଲିଥିଲା। ଦେଢ ବର୍ଷ ଧରି ଦେବାଦେବୀଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରି ପାରୁ ନ ଥିବା ଭକ୍ତମାନେ ଗମ୍ଭୀରା ମଧ୍ୟକୁ ଯାଇ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିଥିଲେ। ଭକ୍ତମାନେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତାରେ ମା'ଙ୍କ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ। ତେବେ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକ, ଗର୍ଭବତୀ ମହିଳା, ୧୦ ବର୍ଷରୁ କମ୍ ବୟସର ଶିଶୁ ଓ ଜଟିଳ ବ୍ୟାଧିଗ୍ରସ୍ତ ବ୍ୟକ୍ତିଙ୍କୁ ମନ୍ଦିର ପ୍ରବେଶ ଉପରେ ସମ୍ପୂର୍ଣ୍ଣ ବାରଣ କରା ଯାଇଥିଲା।


ସୁବର୍ଣ୍ଣପୁର ଜିଲାର ଇଷ୍ଟ ଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିର।

### ଏମାନେ ଯାହା କୁହନ୍ତି


"ଦୀର୍ଘ ମାସ ପରେ ମା'ଙ୍କ ଦର୍ଶନ ମିଳିଥିବାରୁ ଭକ୍ତମାନଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଥିଲା। ହାତ ବିଶୋଧନ ଓ ସାମାଜିକ ଦୂରତା ମଧରେ ଭକ୍ତମାନେ ମାସ୍କ ପିନ୍ଧି ମାଙ୍କୁ ଦର୍ଶନ କରିଥିଲେ । ଶୃଙ୍ଖଳିତ ଦର୍ଶନ ପାଇଁ ଦେବୋତ୍ତର କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଦୂରଦୂରାନ୍ତରୁ ଭକ୍ତମାନେ ଆସି ମା'ଙ୍କୁ ଦର୍ଶନ କରିଛନ୍ତି।

**ବୈକୁଣ୍ଠନାଥ ଶତପଥୀ, ଦେବୋତ୍ତର କମିଟି ସଭ୍ୟ**


"ପ୍ରାୟ ଦେଢ ବର୍ଷ ହେବ ମନ୍ଦିର ବନ୍ଦ ରହିଥିଲା । ଭକ୍ତମାନେ ମା'ଙ୍କ ଦର୍ଶନ କରି ପାରୁ ନ ଥିଲେ । ତେଣୁ ସେମାନେ ଦୁଃଖିତ ଥିଲେ । ମନ୍ଦିର ଖୋଲି ଥିବାରୁ ଶ୍ରଦ୍ଧାଳୁମାନେ ଗମ୍ଭୀରା ଭିତରକୁ ଆସି ମା'ଙ୍କୁ ଦର୍ଶନ କରିବାର ସୁଯୋଗ ପାଇ ଖୁସିବ୍ୟକ୍ତ କରିଛନ୍ତି । ଜିଲା ପ୍ରଶାସନ ଭକ୍ତଙ୍କ ଭାବାବେଗକୁ ଉଚିତ ସମ୍ମାନ ଦେଇଛନ୍ତି ।

**ଶ୍ରୀବତ୍ସ ମଲ୍ଲିକ, ସାମାଜିକ କର୍ମୀ**


"ମହାମାରୀ କୋଭିଡ୍ ଯୋଗୁ ଦେଢ ବର୍ଷ ହେବ ମନ୍ଦିର ଭିତରକୁ ଯାଇ ପାରିନଥିଲି । ମନ୍ଦିର ଖୋଲିଥିବାରୁ ପ୍ରଥମ ଦିନ ସୁରେଶ୍ୱରୀଙ୍କ ଦର୍ଶନ କରିବାକୁ ଯାଇଥିଲି । ଦୀର୍ଘ ଦିନ ପରେ ମାଙ୍କ ଦର୍ଶନ କରି ଖୁସି ଅନୁଭବ କଲି । ଦର୍ଶନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି । ମାସ୍କକୁ ବାଧ୍ୟତାମୂଳକ କରା ଯାଇଥିବା ଦେଖି ଭଲ ଲାଗିଲା ।

**ପଦ୍ମାବତୀ ମେହେର, ଭକ୍ତ।**


"କରୋନା ସ୍ଥିତି ଅନ୍ୟ ଜିଲା ଅପେକ୍ଷା ନିୟନ୍ତ୍ରଣରେ ରହିଛି । ତେଣୁ ମନ୍ଦିରଗୁଡିକରେ ସାଧାରଣ ଦର୍ଶନ ପାଇଁ ସେବାୟତମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲୁ । ଜିଲା ପ୍ରଶାସନ ମନ୍ଦିର ଖୋଲିବା ପାଇଁ ଅନୁମତି ପ୍ରଦାନ କରିଛି। ମନ୍ଦିର ଖୋଲିବା ସୂଚନା ପାଇ ଶ୍ରଦ୍ଧାଳୁମାନେ ମାଙ୍କୁ ଦର୍ଶନ କରିଛନ୍ତି ।

**ହରିହର ପୂଜାହାରୀ, ପୂଜକ**

## ଗଣମାଧ୍ୟମ ପ୍ରତିନିଧିଙ୍କୁ ବାଉଁଶୁଣୀ ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର

**ବାଉଁଶୁଣୀ,୭।୮(ଡି.ଏନ୍.ଏ.)**

ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ରାୟଗୁରୁ ଖବର ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଓ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଚାପୁଡ଼ା ମାରିବା ସହ ତାଙ୍କ ବୁମ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଉଁଶୁଣୀ ଗ୍ରାମକୁ ଶନିବାର ଅପରାହ୍ନ ସମୟରେ ଏକ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଯାଇଥିବା ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ନିକଟରେ ଗଣମାଧ୍ୟମ ପ୍ରତିନିଧିମାନେ ଅଭିଯୋଗ କରିବା ପରେ ଜିଲାପାଳ ଥାନାକୁ ଆସି ସମାଧାନ ପାଇଁ ଉଦ୍ୟମ କରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇଥିଲେ। ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ରାୟଗୁରୁ ଥାନାରେ ଅନୁପସ୍ଥିତ ଥିବା ହେତୁ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ପୋଲିସ ଅଧିକାରୀ ବାଉଁଶୁଣି ଥାନାରେ ପହଞ୍ଚି ଜିଲାପାଳଙ୍କ ଉପସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରୁଥିବା ଜଣାପଡିଛି। ଏ ସମ୍ପର୍କରେ ଏସ୍‌ଡିପିଓଙ୍କ ଜରିଆରେ ଗଣମାଧ୍ୟମ ପ୍ରତିନିଧି ଏସ୍‌ପିଙ୍କ ନିକଟକୁ ଏଫଆଇଆର ପଠାଇଥିବା ଜଣାପଡିଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ମାମଲାର ତଦନ୍ତ କରାଯାଇ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାପାଳ ଓ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ସାତ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ଭୁଲ୍ ଔଷଧ ଯୋଗୁ ଗର୍ଭପାତ ଅଭିଯୋଗ

**କୁନାଗଡ,୭।୮(ଡି.ଏନ୍.ଏ)**

### ଜିଲାପାଳ, ସିଡିଏମ୍ଓଙ୍କ ଫେରାଦ

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭୁଲ ଔଷଧ ଦେଇଥିବା ଯୋଗୁ ଜଣେ ମହିଳାଙ୍କ ଗର୍ଭପାତ ହୋଇ ଛୁଆ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି ତାଙ୍କ ସ୍ୱାମୀ ଚିଚୈଗୁଡା ଗ୍ରାମର ସୁଧିର କୁମାର ମେହେର। ଏ ନେଇ ସେ କଳାହାଣ୍ଡି ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜୁନାଗଡ ଥାନାଧିକାରୀଙ୍କଠାରେ ଫେରାଦ ହୋଇଛନ୍ତି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଉପରୀସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୮।୭।୨୧ରେ ସୁଧିର ତାଙ୍କ ୨ ମାସର ଗର୍ଭବତୀ ସ୍ତ୍ରୀ ଦିପ୍ତୀମୟୀଙ୍କୁ ଜୁନାଗଡ ସହରସ୍ଥିତ ଘରୋଇ ହସ୍ପିଟାଲର ଜଣେ ଡାକ୍ତରଙ୍କୁ ଦେଖାଇଥିଲେ। ସମସ୍ତ ପରୀକ୍ଷା ପରେ ଡାକ୍ତର ପ୍ରେସ୍କ୍ରିପଶନରେ ଔଷଧ ଲେଖି ଦେଇଥିଲେ। ତାଙ୍କ ସ୍ତ୍ରୀଙ୍କ ମୁଣ୍ଡବିନ୍ଧା ହେଉଥିବା କହିବାରୁ ଡାୟନୋଫେର ମେଡିସିନ ଡାକ୍ତର ଲେଖିଦେଇଥିଲେ। ହସ୍ପିଟାଲର ଔଷଧ ଦୋକାନରେ ଉକ୍ତ ମେଡିସିନ ନ ଥିବା କିମ୍ବା ଅନ୍ୟ ଔଷଧକୁ ବିକ୍ରି କରିବା ଉଦ୍ଦେଶ୍ୟରେ ଡାୟନୋଫେର ମେଡିସିନ ଜାଗାରେ ଜିରୋଡେଲ ଔଷଧ ଦେଇଦେଲେ। ଯାହା ୨ ଦିନ ପରେ ଜାଣିପାରିଥିଲେ। ଉକ୍ତ ଔଷଧ ଖାଇବା ପରେ ତାଙ୍କର ରକ୍ତସ୍ରାବ ହୋଇଥିଲଲା। ପୁଣି ଦ୍ୱିତୀୟ ଥର ୨୨।୭।୨୧ରେ ସମ୍ପୃକ୍ତ ଡାକ୍ତରଙ୍କୁ ଦେଖା କରିବାରୁ ଏହା ମିସ୍‌କ୍ରେଜର ଲକ୍ଷଣ ବୋଲି କହିଥିଲେ। ଭୁଲ ଔଷଧ ପାଇଁ ମୋର ସ୍ତ୍ରୀଙ୍କ ମିସକ୍ରେଜ ହେଲା। ଘଟଣା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ, ପରିଚାଳକ ଓ ମାଲିକଙ୍କ ସହ ଆଲୋଚନା କରିଥିଲେ ମଧ ମୋର କଥାକୁ କେହି ଗୁରୁତ୍ୱ ନେଲେ ନାହିଁ ବୋଲି ସୁଧିର ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ମୋତେ ଓ ମୋ ସ୍ତ୍ରୀକୁ ବାପା ମା'ରୁ ବଞ୍ଚିତ କରିଥିବା ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରୁଛି ବୋଲି ଅଭିଯୋଗରେ ଜଣାଇଛନ୍ତି। ଏ ନେଇ ମାଲିକ ଦୁର୍ଯ୍ୟୋଧନ ସାହୁଙ୍କୁ ପଚାରିବାରୁ ଭୁଲ ମେଡିସିନ ଯୋଗୁ ଗର୍ଭପାତ ହୋଇ ଛୁଆ ନଷ୍ଟ ହେବା କଥାକୁ ଅସ୍ୱିକାର କରିଥିଲେ।

## ବିଜୁ ଛାତ୍ର ଜନତା ଦଳର ଜିଲା କର୍ମକର୍ତ୍ତା ବୈଠକ

**ଭବାନୀପାଟଣା, ୭।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବିଜୁ ଜନତା ଦଳ ପକ୍ଷରୁ ଜିଲା କର୍ମକର୍ତ୍ତା ବୈଠକ ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ଛାତ୍ର ସଙ୍ଗଠନକୁ ସୁଦୃଢ ଓ କ୍ରିୟାଶୀଳ କରିବା ପାଇଁ ଆସନ୍ତା ୧୫ ତାରିଖ ସୁଦ୍ଧା ଗ୍ରାମସ୍ତରରେ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଜିଲାରେ ସାମାଜିକ କାର୍ଯ୍ୟକ୍ରମକୁ ଛାତ୍ର ବିଜେଡି ବ୍ୟାପକ କରିବା ସହ ସୋସିଆଲ ମିଡିଆ ଜରିଆରେ ଅଧିକ ଲୋକଙ୍କ ପାଖକୁ ସରକାରଙ୍କ ସଫଳତାକୁ ପହଞ୍ଚାଇବ ଉପରେ ଆଲୋଚନା ହୋଇଥିଲା। ଦଶମ ଶ୍ରେଣୀ ମାଧ୍ୟମିକ ବୋର୍ଡ ପରୀକ୍ଷା ଓ ସିବିଏସ୍‌ସିରେ ୯୫%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଏବଂ ଯୁକ୍ତ ୨ ସିବିଏସ୍‌ସିରେ ୯୫%ରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଛାତ୍ର ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁଙ୍କ ନେତୃତ୍ୱରେ ଏବଂ ବିଜୁ ଛାତ୍ର ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ପରିଚାଳନାରେ ବୈଠକ ହୋଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଜିଲା ଛାତ୍ର ବିଜେଡି ପର୍ଯ୍ୟବେକ୍ଷକ ଅବିନାଶ ମହାନ୍ତି, ଜିଲା ବିଜେଡି ଉପସଭାପତି ପ୍ରଦୀପ ମୁଣ୍ଡ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବୈଶାଖୀ ନନ୍ଦ, ସାଧାରଣ ସମ୍ପାଦକ ଅଭିଷେକ ପାତ୍ର, ଛାତ୍ର ଜୋନ୍ ସଭାପତି ଚିରାଗ ସିଂଦେଓ, ଯୁବଜୋନ ସଭାପତି ମନୀନ୍ଦ୍ର ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାଖୁଡ, ଓଡିଶା ମୋ ପରିବାର ସଂଯୋଜକ ପ୍ରଦୀପ ଦାସ, ଜିଲା ଅନୁସୂଚିତ ଜାତି ସେଲ ସଭାପତି ପ୍ରଶାନ୍ତ ନାଏକ, ରାଜ୍ୟ ଯୁବ ସହ ସମ୍ପାଦକ ରବି ପଟ୍ଟନାୟକ, ଜିଲା ସଂଖ୍ୟା ଲଘୁ ସେଲ ସଭାପତି କାଦିର ଖାନ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ନେତା ବିକାଶ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳମନ୍ତ୍ରୀଙ୍କୁ ଭାଜପା ପ୍ରତିନିଧିଙ୍କ ଫେରାଦ


ଭାଜପା ପ୍ରତିନିଧିବୃନ୍ଦ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି।

**ବରଗଡ଼ ଅଫିସ୍,୭।୮**

ବରଗଡ଼ ଜିଲା ଭଟଲି, ଅମ୍ବାଭୋନାକୁ ରେଳପଥ ସଂଯୋଗ କରିବାକୁ ଭାଜପା ଦାବି କରିଛି । ଏହି କ୍ରମରେ ଦଳ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଉକ୍ତ ଅଞ୍ଚଳକୁ ରେଳପଥ ସହିତ ସଂଯୋଗ କଲେ ଅଞ୍ଚଳର ବହୁବିଧ ବିକାଶ ହୋଇପାରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଦଳର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ବରିଷ୍ଠ ନେତା ସୁରେଶ୍ୱର ଶତପଥି ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ୭ଦଫା ଦାବି କରାଯାଇଛି। ଛତିଶଗଡ଼ ସହିତ ରେଳ ସଂଯୋଗୀକରଣ ପାଇଁ ବରଗଡ଼-ରାୟଗଡ଼ା ନୂତନ ରେଳ ଲାଇନ ଭାୟା ଭଟଲି, ଅମ୍ବାଭୋନା, ସରିୟା ଓ ପ୍ରସିଦ୍ଧ ଚନ୍ଦ୍ରହାସିନୀ ପୀଠର ସର୍ଭେ କାର୍ଯ୍ୟ ଆରମ୍ଭ କରିବା, ବରଗଡ଼-ନୂଆପଡ଼ା ନୂତନ ରେଳ ଲାଇନ ଭାୟା ବିଜେପୁର, ଗାଇସିଲେଟ, ପଦ୍ମପୁର, ନୃସିଂହନାଥ ପୀଠର କାର୍ଯ୍ୟ ଆରମ୍ଭ, ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସର ଗତିପଥକୁ ବରଗଡ଼ ପର୍ଯ୍ୟନ୍ତ ବୃଦ୍ଧି, ବରଗଡ଼ ରୋଡ୍, ଅତାବିରା, ବରପାଲି, ଗୋଡ଼ଭଗା ରେଳଷ୍ଟେଶନର ଆଧୁନିକୀକରଣ ଆଦି ଦାବି ରହିଛି ।

# ରାସ୍ତା ମରାମତି କଲେ ମଙ୍ଗଳପୁର ଯୁବଗୋଷ୍ଠୀ

### ଶୁଣିଲାଣି ପ୍ରଶାସନ

**କୋକସରା, ୭।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ାଗୁଡା ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମକୁ ଯିବାକୁ ଭଲ ରାସ୍ତା ନାହିଁ। ଅଳ୍ପ ବର୍ଷାରେ ରାସ୍ତା କାଦୁଅ ପଚପଚ ହୋଇପଡେ। ଗ୍ରାମବାସୀ ଅନେକ ବର୍ଷ ହେବ ପକ୍କା ରାସ୍ତା ପାଇଁ ବ୍ଲକ ପ୍ରଶାସନଠୁ ଆରମ୍ଭ କରି ନେତାମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଶେଷରେ ପ୍ରଶାସନ ନ ଶୁଣିବାରୁ ଗାଁ ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଛନ୍ତି ଗ୍ରାମ ଯୁବଗୋଷ୍ଠୀ। ଗ୍ରାମର ଉଦ୍ୟମି ଯୁବକ ଶୁଭମ ନାଗଙ୍କ ନେତୃତ୍ୱରେ ରସିକଲାଲ ନାଗ, ପରକ୍ଷିତ ଧରୁଆ, ବଂଶୀଧର ବିହାରୀ, କୋଳିଶର ଚନ୍ଦ୍ର ନାଏକ, ଯୁଧିଷ୍ଠିର ବାଗ, ମୁନା ବିହାରୀ, ସତ୍ୟନନ୍ଦ ନାଏକ ପ୍ରମୁଖ ଯୁବକମାନେ ରାସ୍ତାରେ ମୋରମ ଦେଇ ରାସ୍ତା ମରାମତି କରି ଉଦାହରଣ ପାଲଟିଛନ୍ତି । ପ୍ରତିବର୍ଷ ବର୍ଷା ଦିନ ଆସିଲେ ମଙ୍ଗଳପୁର ଗ୍ରାମକୁ ଯାତାୟାତ ଦୁର୍ବିସହ ହୋଇପଡେ । କୌଣସି ଜରୁରୀ କାମରେ ବ୍ଲକ ସଦର ମହକୁମାକୁ ଯିବାକୁ ହେଉ ଅବା ସ୍ୱାସ୍ଥ୍ୟସେବା ପାଇଁ କିମ୍ବା ପିଡିଏସ ସାମଗ୍ରୀ ପାଇଁ ପଞ୍ଚାୟତ ଅଫିସକୁ ଯିବାପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୁଅନ୍ତି ଗ୍ରାମବାସୀ।


ମଙ୍ଗଳପୁର ରାସ୍ତା ମରାମତି କରୁଛନ୍ତି ଯୁବଗୋଷ୍ଠୀ।

## ଉନ୍ନୟନମୂଳକ କାମ ସମୀକ୍ଷା କଲେ ଡିଆରଡିଏ ପିଡି

**ଖଡିଆଳ, ୭।୮ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ରିଷଗାଁ ପଞ୍ଚାୟତ ପରିଦର୍ଶନ କଲେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମଧୁଛନ୍ଦା ସାହୁ। ଶନିବାର ଖଡିଆଳ ବ୍ଲକ ରିଷିଗାଁ ଗ୍ରାମପଞ୍ଚାୟତ ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାମ ସମୀକ୍ଷା କରିଛନ୍ତି। ନିର୍ମାଣାଧୀନ ନୂଆ ଗ୍ରାମପଞ୍ଚାୟତ ଗୃହ ଓ ମୋଡେଲ ଟ୍ୟାଙ୍କ ବୁଲିବା ସହ ଚାଲିଥିବା ବିଭିନ୍ନ କାର୍ଯ୍ୟ ଉପରେ ପଚାରି ବୁଝିଥିଲେ। ଏହିଅବସରରେ ରିଷଗାଁ ପଞ୍ଚାୟତକୁ ୧୦୦ ଶତକଡା କୋଭିଡ୍ ଟିକାକରଣ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ପଞ୍ଚାୟତ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ବିଚାରବିମର୍ଷ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ଡିପିଓ ବିବେକାନନ୍ଦ ମହାନନ୍ଦ, ସହକାରୀ ଯନ୍ତ୍ରୀ ଅନନ୍ତ କୁମାର ନାୟକ, ଡା. ଅର୍ଣ୍ଣବା ଶଙ୍କର ଦାଶ, ଡା. ମଧୁଲିକା ପଟ୍ଟନାୟକ, ସରପଞ୍ଚ ମାଲ୍ୟବନ୍ତ ସୁନା, ୱାର୍ଡମେମ୍ବର ଜଳଧର ଯାନୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନମିତା ସାହୁଙ୍କ ସମେତ ଅଙ୍ଗନୱାଡି ଓ ଆଶାକର୍ମୀ ଯୋଗଦେଇଥିଲେ ।

# ଚାଷୀଙ୍କ ନିକଟତର ହେବାରେ କୃଷି ବିଭାଗ ଫେଲ୍

**କର୍ଲାମୁଣ୍ଡା, ୭।୮ (ଡି.ଏନ.ଏ.)**

### ୧୨ ପଞ୍ଚାୟତକୁ ୫ ଗ୍ରାମ୍ୟ କୃଷି କର୍ମୀ

କୃଷି ସଶକ୍ତି କରଣ ଯୋଜନାଗୁଡିକ ସରକାର ତିଆରି କରୁଥିଲେ ହେଁ ଆବଶ୍ୟକ କର୍ମଚାରୀ, ଭିତ୍ତିଭୂମି ପାଇଁ ପଦକ୍ଷେପ ନେଉ ନ ଥିବାରୁ କୃଷି ଯୋଜନାସବୁ ଚାଷୀଙ୍କ ନିକଟକୁ ଠିକ୍ ଭାବେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରୁ ଆସିଛି। ସୂଚନାଯୋଗ୍ୟ ଯେ, ଏହି ବ୍ଲକରେ ୧୨ଟି ପଞ୍ଚାୟତ ରହିଛି। ସେଥିମଧ୍ୟରୁ କର୍ଲାମୁଣ୍ଡା, ଯୋରାଡବ୍ରା, ସ.ମାଲପଡା ଗ୍ରାମପଞ୍ଚାୟତ ପାଇଁ ଭିଏଡବ୍ଲୁ ସୁରଜ ଶେଖର ସାହୁ, ପୌରକେଲା, ଗଜବାହାଲ ଓ ତେରେସିଙ୍ଗା ପଞ୍ଚାୟତ ପାଇଁ ଭିଏଡବ୍ଲୁ ପୀତାମ୍ବର ମାଝି ଦାୟିତ୍ୱରେ ଅଛନ୍ତି। ରିଷିଡା, ରାଜପୁର ପଞ୍ଚାୟତ ପାଇଁ ନବୀନ କୁମାର ମାଝି, ରିଞ୍ଜା, ବୋରପଦର ପଞ୍ଚାୟତ ପାଇଁ ଭିଏଡବ୍ଲୁ ସୁଶାନ୍ତ କୁମାର ମହାରଣା, ରେଗଡା, ସାପଲହରା ପଞ୍ଚାୟତ ପାଇଁ ସନ୍ତୋଷିନୀ ବରାହ ପ୍ରମୁଖ ଦାୟିତ୍ୱରେ ରହିଛନ୍ତି। ୧୨ଟି ପଞ୍ଚାୟତ ପାଇଁ ୫ଜଣ ଗ୍ରାମ କୃଷି କର୍ମୀ ଥିବାରୁ କୃଷକମାନଙ୍କ ନିକଟତର ହେବାରେ କୃଷି ବିଭାଗ ବିଫଳ ହେଉଥିବା ବ୍ଲକ ଗ୍ରାମ୍ୟ ବିକାଶ ଫେଡେରେଶନ ସମ୍ପାଦକ ଭୁପିନ୍ଦ୍ର ଚୌଧୁରୀ, ଦ୍ରୋଣ ସାହୁ, ଜଳନ୍ଧର ଭୋଇ ପ୍ରକାଶ କରିଛନ୍ତି।


କୃଷି କାର୍ଯ୍ୟାଳୟ।

# ଓପିଟିସିଏଲ୍ ଟାୱାରକୁ ନେଇ ବଢୁଛି ଅସନ୍ତୋଷ

**ବଲାଙ୍ଗୀର ଅଫିସ/ପୁଇଁତଲା, ୭।୮ (ଡି.ଏନ୍.ଏ.)**

ଓଡିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ମନମୁଖୀ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଚାଷୀମାନେ ପ୍ରଶାସନର ଦ୍ୱାରସ୍ଥ ହେବା ସତ୍ତ୍ୱେ ନ୍ୟାୟ ମିଳି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରୟତି ଚାଷଜମିରେ ଚାଷୀଙ୍କୁ ସୂଚନା ନ ଦେଇ ଓପିଟିସିଏଲ ପକ୍ଷରୁ ବିଦ୍ୟୁତ୍ ଟାୱାର ବସାଇବା ପ୍ରତିବାଦରେ ଚାଷୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପୁଇଁତଲା ତହସିଲ ଅନ୍ତର୍ଗତ ଗଇଁତଲା ମୌଜାର ୧୫୮୭ ନମ୍ବର ସରକାରୀ ଜମିରେ ଓପିଟିସିଏଲ ନିଜର ୨୯ ନମ୍ବର ବିଦ୍ୟୁତ୍ ଟାୱାର ବସାଇଛି। ୩୦ ନମ୍ବର ଟାୱାରକୁ ସରକାରୀ ଜମିରେ ବସାଇ ୩୧ ନମ୍ବର ଟାୱାର ସହ ସୁବିଧାରେ ତାର ସଂଯୋଗ କରାଯାଇ ପାରିବ । କିନ୍ତୁ ରୟତି ପ୍ଲଟ୍ ନମ୍ବର ୧୯୭୬, ୧୮୨୦, ୧୮୨୧, ୧୮୨୨, ୧୮୨୩, ୧୮୨୪, ୧୮୨୫ ଓ ୧୮୨୮ରେ ଚାଷୀଙ୍କୁ କୌଣସି ପ୍ରାକ୍ ସୂଚନା ନ ଦେଇ ୩୦ ନମ୍ବର ଟାୱାରକୁ ୧୮୨୨ ନମ୍ବର ପ୍ଲଟରେ ବସାଇଛି ଓ ଉକ୍ତ ପ୍ଲଟ୍ ଉପର ଦେଇ ଜୋରଜବରଦସ୍ତି ବିଦ୍ୟୁତ୍ ତାର ଟାଣି ନେଇଥିବା ଅଭିଯୋଗ କରାଯାଇଛି। ଏହା ରୟତି ଜମି ହୋଇଥିଲେ ମଧ ଉପରୋକ୍ତ ପ୍ଲଟଗୁଡିକୁ ସରକାରୀ ଭାବେ ଅଧିଗ୍ରହଣ କରାଯାଇନାହିଁ କିମ୍ବା କୌଣସି ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ୩୦ ନମ୍ବର ଟାୱାରକୁ ୧୫୮୭ ନମ୍ବର ସରକାରୀ ଜମିରେ ଅବସ୍ଥାପିତ କରିବା ପାଇଁ ଚାଷୀମାନେ ଉପଜିଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓପିଟିସିଏଲର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବିଧାୟକ ଓ ଏମପିଙ୍କୁ ଜଣାଇ ଉତ୍ତରାଞ୍ଚଳ ଆରଡିସିଙ୍କୁ ମଧ ନିବେଦନ କରିଥିଲେ । ଏହି ନିବେଦନର ସୁବିଚାର କରିବା ପାଇଁ ଆରଡିସି ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଓପିଟିସିଏଲ ଅଣଦେଖା କରୁଥିବା ଅଭିଯୋଗ କରାଯାଇଛି। ଏଦିଗରେ ତୁରନ୍ତ ପ୍ରଶାସନ ଉଚିତ୍ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।

## ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ବିଜେଡି ପକ୍ଷରୁ ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର କେଳାକଟା ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୀବନ ବିନ୍ଦୁର ଜିଲା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ କାର୍ଯ୍ୟକ୍ରମରେ ୨୧ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ କନ୍ଧମାଳ ସାଂସଦ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ତାରେଣୀ ମହାପାତ୍ର ଓ ବିଜେଡିର ରାଜ୍ୟ ସମ୍ପାଦକ ଅଶୋକ କୁମାର ସାହୁ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ବିଜେଡିର ହରଭଙ୍ଗା ବ୍ଲକ ସଭାପତି ଲଳିତ ଥାଟି ଓ ସମ୍ପାଦକ ନିର୍ଗୁଣ ମହାକୁଡ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ରକ୍ତଭଣ୍ଡାର ପକ୍ଷରୁ ଟେକ୍ନିସିଆନ ଦିଲୀପ ଭୋଇ ଓ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ସହଯୋଗର ହାତ ବଢ଼ାଇଲା ପାଠାଗାର



ଅସହାୟ ପରିବାର।

**ବରଗଡ଼ ଅଫିସ୍,୭।୮:** ବରଗଡ଼ ବ୍ଲକ ଅଧୀନ ଏସ୍. ଡୁମ୍ଭେରପାଲିର ଏକ ଅସହାୟ ପରିବାରକୁ ଶନିବାର ଜ୍ଞାନରଶ୍ମି ପାଠାଗାର ସଦସ୍ୟମାନେ ସହଯୋଗର ହାତ ବଢ଼ାଇଛନ୍ତି। ପାଠାଗାରର ସମସ୍ତ ସଦସ୍ୟ ନିଜ ମଧ୍ୟରେ ଅର୍ଥ ସଂଗ୍ରହ କରି ଏହି ଅସହାୟ ପରିବାର ତଥା ସ୍ୱର୍ଗତ ମଧୁବନ ବରିହାଙ୍କ ସ୍ତ୍ରୀ ଭାରତୀଙ୍କୁ ପ୍ରଦାନ କରିଥିଲେ। ମଧୁବନଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଭାରତୀ, ୨ନାବାଳକ ପୁଅ ବଳରାମ, କୃଷ୍ଣ ବେସାହାରା ହୋଇ ପଡ଼ିଛନ୍ତି। ଏହା ଜାଣିବା ପରେ ପାଠାଗାର ପକ୍ଷରୁ ଏଭଳି ସହାୟତା ପ୍ରଦାନ କରାଯାଇଛି । ସେହିପରି ସରକାରୀ ସାହାଯ୍ୟ ପାଇଁ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସମିତି ପକ୍ଷରୁ ସଭାପତି ଦ୍ୱାରିକାନାଥ ମାଝି ଏବଂ ସମ୍ପାଦକ ହୃଦୟାନନ୍ଦ ନାଏକ ସୂଚନା ଦେଇଛନ୍ତି ।

## ମଧୁମେହ ପରୀକ୍ଷା ଶିବିର

**ମୁରିବାହାଲ,୭।୮(ଡ଼ି,ଏନ, ଏ):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲାୟନ୍ସ କ୍ଲବ ତରଫରୁ ଶନିବାର ଗୁଡିଘାଟ ପଞ୍ଚାୟତର ଡ୍ରୁଖୁଟି ଛକ ନିକଟ ସାପ୍ତାହିକ ବଜାରରେ ଏକ ମଧୁମେହ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଶ୍ରୀବତ୍ସ ବେହେରା ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ୧୮୯ଜଣ ମହିଳା ଓ ପୁରୁଷ ଯୋଗଦେଇ ମଧୁମେହ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ମଧୁମେହ ଥିବା ରକ୍ତ ପରୀକ୍ଷାରୁ ଜଣାପଡିଥିଲା । ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତପନ ପଧାନ, ପ୍ରମିଳା ନାଏକ, ଦେବକୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଲାୟନ୍ସ କ୍ଲବର ସମସ୍ତ ସଭ୍ୟମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁରିବାହାଲ ବ୍ଲକ ଅଧକ୍ଷ ହଂସରାଜ ଜୈନ ଉପସ୍ଥିତ ରହି କ୍ଲବର ଏ ପ୍ରକାର ସେବା କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ । ଆଗାମୀ ଦିନରେ କ୍ଲବ ପକ୍ଷରୁ ମେଗା ଚକ୍ଷୁ ଚିକିତ୍ସା ଶିବିର, ଦାନ୍ତ ଚିକିତ୍ସା ଶିବିର କରାଯିବା ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ଜୟକିଶନ ବାଗ, ଭାରତ ଦାସ, ଦିଲୀପ କୁମାର,ପୃଷ୍ଟି, ନାରାୟଣ ସାହୁ, ରାଜୀବ କୁମାର ମହାନ୍ତି, ଦୁର୍ଗା ନନ୍ଦ ମହାକୁର, ଅନିଲ କୁମାର ଜୈନ, ଭାଜରାମ ସାହୁ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ବନବିହାରୀ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଲାକୁ ସରକାରୀ ବସ୍ ଚଳାଚଳ ଦାବି ଜୋର ଧରିଲା

**ବିନିକା,୫।୮(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ରାମପୁର-ଅରିଗାଁ ଆରଡ଼ି ରାସ୍ତା ଦେଇ ସମ୍ବଲପୁରର ବୁର୍ଲାକୁ ଏକ ସରକାରୀ ବସ୍ ଚଳାଚଳ ଦାବି ଜୋର ଧରିବାରେ ଲାଗିଛି। ସରକାରୀ ଉଦାସୀନତା ଯୋଗୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ଦିନରୁ ହୋଇ ଆସୁଥିବା ଏହି ଦାବି ଅଦ୍ୟାବଧି ପୂରଣ ହୋଇ ପାରିନାହିଁ। ଫଳରେ ୬ଟି ଗ୍ରାମ ପଞ୍ଚାୟତର ପାଖାପାଖି ୪୦ହଜାର ଲୋକ ଚିକିତ୍ସିତ ହେବା ପାଇଁ ବୁର୍ଲାକୁ ଯିବାରେ ଖର୍ଚ୍ଚାନ୍ତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡୁଙ୍ଗୁରିପାଲି ଭାୟା ରାମପୁରରୁ ରାମପୁର-ଅରିଗାଁ ଆରଡି ରାସ୍ତା ଦେଇ ଯଦି ବୁର୍ଲାକୁ ସରକାରୀ ବସ୍ ଚଳାଚଳ ହୁଏ ତେବେ କମ୍ ଖର୍ଚ୍ଚରେ ବିନିକା ବ୍ଲକର ବାବୁପାଲି ,ବାଙ୍କିଘିର୍ଡି ,ସିଂଘିଯୁବା ,ସିନ୍ଦୁରପୁର ଓ ଭେଡେନ ବ୍ଲକର ଲୁହାଖଣ୍ଡି ,ବରପଦର ଗ୍ରାପର ବହୁ ଗରିବ ରୋଗୀ ଉପକୃତ ହୋଇପାରନ୍ତେ । ବର୍ତ୍ତମାନ ସିଧାସଳଖ ଅରିଗାଁ-ରାମପୁରରୁ ବୁର୍ଲାକୁ କୌଣସି ଯାନବାହାନ ଚଳାଚଳର ସୁବିଧା ନାହିଁ । ଏହାର ସୁଯୋଗ ନେଇ ଅଟୋ ଚାଳକ ଓ ଅନ୍ୟ ଯାନବାହାନ ବୁର୍ଲାକୁ ଯିବା ପାଇଁ ମନଇଚ୍ଛା ଭଡା ଦାବି କରୁଛନ୍ତି । ରାମପୁର-ଅରିଗାଁ ଆରଡି ରାସ୍ତା ଯାହାକି ସିଧାସଳଖ ଭାବରେ ଅରିଗାଁ ମୁଖ୍ୟରାସ୍ତାରୁ ବରଗଡ ଗୋଡଭଗା ଓ ଗୋଡଭଗାରୁ ବୁର୍ଲାକୁ ଯାଇଥିବା ଜାତୀୟ ରାଜପଥକୁ ଅଳ୍ପ ଦୂରତାରେ ଯୋଡୁଛି , ତେଣୁ ସେହି ରାସ୍ତା ଦେଇ ସରକାରୀ ବସ ଚଳାଚଳ କରିବାକୁ ଦାବି ହୋଇ ଆସୁଛି । ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ତଥା ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ହସ୍ତତନ୍ତ ପ୍ରସାରରେ ସହଯୋଗ ଲୋଡ଼ା

ବରଗଡ଼ ଅଫିସ୍,୭।୮

ବରଗଡ଼ ଗୋବିନ୍ଦପାଲି ରୋଡ୍ ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ବିଶାଳ ବିକ୍ରୟ କେନ୍ଦ୍ରରେ ଶନିବାର ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ଏବଂ ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଦିବସ ଉପଲକ୍ଷେ ହସ୍ତତନ୍ତ ବସ୍ତ୍ରର ବିକ୍ରି ସକାଶେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ରହିଛି ଏବଂ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ସେହିପରି ସମ୍ବଲପୁର, ବରଗଡ଼ ସହରରେ ଥିବା ବିକ୍ରୟ କେନ୍ଦ୍ର ଗୁଡ଼ିକରେ ବିକ୍ରି ଉପରେ ସ୍ୱତନ୍ତ୍ର ଉପହାର (ଗିଫ୍ଟ) ଭାଉଚର ପ୍ରଦାନ ବ୍ୟବସ୍ଥା ରହିଛି ଏବଂ ଏହାକୁ ଜିଲାପାଳ ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ହସ୍ତତନ୍ତକୁ ସୁଦୃଢ଼ କରିବା ତଥା ହସ୍ତତନ୍ତ ବୁଣାକାରଙ୍କୁ ଉତ୍ସାହିତ କରିବା ସକାଶେ ହସ୍ତତନ୍ତ ସାମଗ୍ରୀ ଆଦରି ନେବା ଏବଂ ଏହାର ପ୍ରଚାର ପ୍ରସାରରେ ନିଜକୁ ଯୋଡ଼ିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବର୍ତ୍ତମାନ ସମୟରେ ଗ୍ରାହକମାନଙ୍କ ସୁବିଧା ସକାଶେ ସମ୍ବଲପୁରୀ ବସ୍ତ୍ରାଳୟ ଅନ୍‌ଲାଇନ ଜରିଆରେ କ୍ରୟ କରିବା ପାଇଁ ଉପଲବ୍ଧ ସୁବିଧାର ସୁଯୋଗ ନେବାକୁ ସେ କହିଥିଲେ। ଜିଲାପାଳ ବିକ୍ରୟ କେନ୍ଦ୍ର ବୁଲି ସମିତିରେ କାର୍ଯ୍ୟରତ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ସମିତି ଆଧୁନିକ ରୁଚିସମ୍ପନ୍ନ ଡିଜାଇନ ତିଆରି କରିବା ସକାଶେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡିଜାଇନର ବିଭୁ ମହାପାତ୍ରଙ୍କୁ ନିୟୋଜିତ କରିଛି। ତାଙ୍କ ପ୍ରସ୍ତୁତ ଡିଜାଇନରେ ଉତ୍ପାଦିତ ଲୁଗା ମଧ୍ୟ ଗ୍ରାହକମାନେ ଅତିଶୀଘ୍ର ସମିତିର ବିକ୍ରୟ କେନ୍ଦ୍ରଗୁଡ଼ିକରୁ ପାଇ ପାରିବେ ବୋଲି ସୂଚନା ଦିଆଯାଇଛି।



ବରଗଡ଼ ଜିଲାପାଳ ସମ୍ବଲପୁରୀ ବସ୍ତ୍ରାଳୟର ନୂତନ ବିକ୍ରୟ କେନ୍ଦ୍ର ବୁଲି ଦେଖୁଛନ୍ତି ।

**ସମ୍ବଲପୁରୀ ବସ୍ତ୍ରାଳୟରେ ଜାତୀୟ ହସ୍ତତନ୍ତ ଦିବସ**

# ଡିଡିଟି ଅଫିସକୁ ପୁନଃ ସ୍ଥାପନ ଦାବି

ସୋନପୁର,୭।୮(ନି.ପ୍ର.)

ସୁବର୍ଣ୍ଣପୁର ସହରର ବଡବଜାରରେ ଅବସ୍ଥିତ ଉପ ନିର୍ଦ୍ଦେଶକ ବୟନ ଶିଳ୍ପ(ଡିଡିଟି) କାର୍ଯ୍ୟାଳୟକୁ ରାଜ୍ୟ ସରକାର ନିମ୍ନସ୍ତର(ଡାଉନଗ୍ରେଡ୍) କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମା ପରେ ଗତ ଜୁନ୍ ୨ ତାରିଖ ଠାରୁ ଡିଡିଟି ଅଫିସ ସୋନପୁର ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ(ଏଡିଟି)ଙ୍କ ଅଫିସରେ ପରିଣତ ହୋଇଛି। ଏହାକୁ ବୁଦ୍ଧିଜୀବୀ ମହଲରେ ବିରୋଧ କରାଯାଉଛି। ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ କେତେଜଣ ସଚେତନ ନାଗରିକ ଶନିବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଡିଡିଟି ଅଫିସ ସୋନପୁରକୁ ପୁନଃ ଅପଗ୍ରେଡ୍ କରିବାକୁ ଅନୁରୋଧ କରାଯାଇଛି। ବାନ୍ଧକଳା, ପାଟଶାଢୀକୁ ନେଇ ସୁବର୍ଣ୍ଣପୁର ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ଅଧିକ ବୁଣାକାର, ମାଷ୍ଟର ଟ୍ରେନର, ଡିଜାଇନର ଓ ବାନ୍ଧଶିଳ୍ପୀ ଅଛନ୍ତି । ଲକ୍ଷାଧିକ ଲୋକ ବୟନ ଶିଳ୍ପକୁ ନେଇ ଜୀବିକା ନିର୍ବାହ କରୁଛନ୍ତି । ତେଣୁ ଜିଲାର ସ୍ୱାର୍ଥ ପାଇଁ ସରକାର ନିଷ୍ପତ୍ତି ପରିବର୍ତ୍ତନ ନ କଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ବ୍ୟାସଦେବ ଭରଦ୍ୱାଜ ମିଶ୍ର, ଶ୍ରୀନିବାସ ଚାନ୍ଦ, ବାପି ଦାଶ, ଜିତେନ୍ଦ୍ର ମହାପାତ୍ର, ଟିକେଶ୍ୱର ମେହେର, କେଶବ ସାହୁ, ରାମ ନାରାୟଣ ବହିଆ ଓ ଧରଣୀ ରଞ୍ଜନ ପଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଚେତନ ନାଗରିକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୁହଁରେ କଳାପଟି ବାନ୍ଧି ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

## ବିଜ୍ଞପ୍ତି ପ୍ରତ୍ୟାହାର ଦାବି କଲା ଭାଜପା

ଡିଡିଟି ଅଫିସ ସୋନପୁରକୁ ରାଜ୍ୟ ସରକାର ଏଡିଟି ଅଫିସ କରିବା ଘଟଣାକୁ ସୁବର୍ଣ୍ଣପୁର ଜିଲାରେ ତୀବ୍ର ବିରୋଧ କରାଯାଇଛି। ଭାଜପା ସରକାରଙ୍କ ଏଭଳି ପଦକ୍ଷେପକୁ ସମାଲୋଚନା କରିଛି। ଜିଲାର ସ୍ୱାର୍ଥ ବିରୋଧୀ ବିଜ୍ଞପ୍ତିକୁ ସରକାର ଅବିଳମ୍ବେ ପ୍ରତ୍ୟାହାର କରନ୍ତୁ ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ଦାବି କରିଛି। ସୁବର୍ଣ୍ଣପୁରର ବୟନ ଶିଳ୍ପ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି। ଏଣୁ ଏହାର ପ୍ରତିବାଦରେ ଭାଜପା ଜନ ଆନ୍ଦୋଳନ କରିବ ବୋଲି ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର ଚେତାବନୀ ଦେଇଛନ୍ତି। ସମ୍ମିଳନୀରେ ସାନନ୍ଦ ମେହେର, ଟାଉନ ସଭାପତି ଜଗତଜ୍ୟୋତି ତ୍ରିପାଠୀ, ସୁନିତା ଗିରି, ମନୋଜ କୁମ୍ଭାର ଓ ରବି ନାରାୟଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସି ମାନ୍ୟତା ଦାବି ଜୋର ଧରିଲା

ଲାଠୋର,୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଲାଠୋରକୁ ଏନଏସି ମାନ୍ୟତା ପ୍ରଦାନ ଦାବି ଜୋର ଧରିଛି। ଦାବି ପୂରଣ ନ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଶନିବାର ଗ୍ରାମର ଦୁର୍ଗା ଚରଣ ବେହେରାଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ହୋଇଛି। ଏହି ଅବସରରେ ଆମକୁ ସରପଞ୍ଚ ଦରକାର ନାହିଁ ଏନଏସି ଚେୟାରମ୍ୟାନ ଦରକାର ବୋଲି ଗ୍ରାମବାସୀ ଦାବି କରିବା ସହ ଲାଠୋର ମାର୍କେଟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲାଠୋଇ ଏନଏସି ମାନ୍ୟତା ପାଇବା ପାଇଁ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ଅଦ୍ୟାବଧି ଦାବି ପୂରଣ ହୋଇ ପାରିନାହିଁ । ଗତ ୫ ବର୍ଷ ପୂର୍ବେ ସହଦେବ ଭଇଁଷାଲଙ୍କ ନେତୃତ୍ୱରେ ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ ଏମ୍‌ପି ଓ ବିଭାଗୀୟ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଦାବି ପୂରଣରେ ଟାଳଟୁଳ ନୀତି ଯୋଗୁ ପଞ୍ଚାୟତ ନିର୍ବାଚନରେ କାହାରିକୁ ନାମାଙ୍କନ ପତ୍ର ଦାଖଲ କରିବାକୁ ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ମୁରଲି ମେହେର, ଜଗଜୀବନ ମେହେର, ଦୀପକ ବେହେରା, ତରଣି ମେହେର, ଅନିରୁଦ୍ଧ ମେହେରଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ ।



ଲାଠୋରକୁ ଏନଏସି ମାନ୍ୟତା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବୁଣାକାରଙ୍କ ପାଇଁ ହେବ ସ୍ୱତନ୍ତ୍ର ବଜାର



ବୁଣାକାରମାନଙ୍କୁ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ।

ବୌଦ୍ଧ,୭।୮(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ସପ୍ତାହବ୍ୟାପୀ ଅଗଷ୍ଟ ୧୫ ପର୍ଯ୍ୟନ୍ତ ହସ୍ତତନ୍ତ ସପ୍ତାହ ପାଳନ କରାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହିଅବସରରେ ବୌଦ୍ଧର ବୁଣାକାରମାନଙ୍କୁ ଜିଲାପାଳ ଲଳାଟେନ୍ଦୁ ମିଶ୍ର ସ୍ୱାଗତ ଜଣାଇବା ସହିତ ଉତ୍ସାହିତ କରିଛନ୍ତି। ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇବାକୁ ଏହି ସପ୍ତାହବ୍ୟାପୀ ଏବଂ ବର୍ଷତମାମ ସପ୍ତାହକୁ ଦୁଇଦିନ ଗୁରୁବାର ଓ ଶୁକ୍ରବାର ଜିଲାର ସମସ୍ତ ସରକାରୀ କର୍ମଚାରୀ ଓ ସାଧାରଣଲୋକ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲାର ବୁଣାକାରମାନଙ୍କ ଦକ୍ଷତା ଓ ପ୍ରତିଷ୍ଠା ଯୋଗୁ ଜିଲାବାସୀ ସର୍ବଦା ଗର୍ବିତ। ଜିଲାପାଳ ମିଶ୍ରଙ୍କ ପ୍ରଚେଷ୍ଟାକ୍ରମେ ଜିଲାରେ ବୁଣାକାରମାନଙ୍କ ପାଇଁ ସ୍ୱତନ୍ତ୍ର ବଜାର ବା 'ହସ୍ତତନ୍ତ ହବ' ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶନିବାର ଜିଲାପାଳ ମିଶ୍ର, ଅତିରିକ୍ତ ଜିଲାପାଳ ଏନ୍.ସି ଜ୍ୟୋତିରଞ୍ଜନ ନାଏକ, ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବବିତାରାଣୀ ଦଳବେହେରା, ଉପଜିଲାପାଳ ଅଶ୍ୱନୀ କୁମାର ମେହେର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ବିଭିନ୍ନ ଗ୍ରାମବୁଲି ବୁଣାକାରମାନଙ୍କ ସହିତ ସାକ୍ଷାତ କରିଥିଲେ। ସେମାନଙ୍କ ବିଭିନ୍ନ ସମସ୍ୟା ଓ ସରକାରୀ ଯୋଜନାରେ ସେମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି।

## କାର୍ଯ୍ୟବନ୍ଦ ପାଇଁ ବିଜୁଳି କର୍ମଚାରୀ ସଂଘର ଧମକ

ବୌଦ୍ଧ,୭।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ମନମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ୫ଜଣ ଠିକା କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ପ୍ରତିବାଦକରି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ କର୍ମଚାରୀ ସଂଘର ବୌଦ୍ଧ ଜିଲା ଶାଖା ପକ୍ଷରୁ ଆନ୍ଦୋଳନ ଧମକ ଦିଆଯାଇଛି। ଉକ୍ତ କର୍ମଚାରୀମାନେ ପରିବାର ପ୍ରତିପୋଷଣ ପାଇଁ ଚାକିରୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାବେଳେ ବର୍ତ୍ତମାନ ଅନେକ ସମସ୍ୟା ମଧ୍ୟରେ ରହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଫଳ କିଛି ନ ମିଳିବାରୁ ଶେଷରେ ଆସନ୍ତା ସୋମବାର ୯ ତାରିଖଠାରୁ ଜିଲାର ସମସ୍ତ ଠିକା କର୍ମଚାରୀ କାର୍ଯ୍ୟବନ୍ଦ କରିବା ସହିତ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ସାଉଥକୋ ବୌଦ୍ଧ ନିର୍ବାହୀଯନ୍ତ୍ରୀଙ୍କୁ ପଚାରିବାରେ କର୍ମଚାରୀମାନଙ୍କ ଏହି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇସାରିଛି। କୌଣସି କର୍ମଚାରୀଙ୍କୁ ଚାକିରୀରୁ ବାହାର କରାଯାଇନାହିଁ। କମ୍ପାନୀ ପକ୍ଷରୁ ଚାକିରୀର ଚୁକ୍ତି ଅନୁଯାୟୀ ସେମାନଙ୍କୁ ଜିଲାର ଯେଉଁସ୍ଥାନକୁ କାମ ପାଇଁ ପଠାଯିବ ସେମାନେ ସେଇଠି କାର୍ଯ୍ୟ କରିବା ଉଚିତ ବୋଲି ପ୍ରକାଶ କରିଥିଲେ।

## ଯୁବକ ସଂଘ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୭।୮

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୋମନା ବସଷ୍ଟାଣ୍ଡଠାରେ ଥିବା ସ୍ୱର୍ଗତ ବ୍ୟାସଦେବ ପ୍ରଧାନ, ଡ. ଭୀମ ରାଓ ଆମ୍ବେଡକର ପ୍ରତିମୂର୍ତ୍ତି ଓ ଯାତ୍ରୀ ବିଶ୍ରାମାଗାର ପରିସରରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ଓ କୋମନା ଜୟ ଯବାଜ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପାଖୱାଡା କାର୍ଯ୍ୟକ୍ରମରେ ସଫେଇ କାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଯୁବକ ସଂଘ ପୂର୍ବତନ ସଭ୍ୟ ଭୁବନେଶ୍ୱର ନାୟକ ମୁଖ୍ୟଅତିଥି ଯୋଗଦେଇଥିଲେ। ଯୁବକ ସଂଘ ସଭାପତି ଦିନେଶ ନାୟକ, ଉପସଭାପତି ସାଗର ଠେଲା, ବିଶ୍ୱଜିତ ପୋଡ଼, ଦେବାଶିଷ ବାରିକ, ଅଙ୍କିତ ବର୍ଗେ, ଦେବଜ୍ୟୋତି ରାଉତ, ଫାଇଜ ଅଲ୍ଲି, ହିମାଂଶୁ ଅଦା, , ମୋହିତ ଅଗ୍ରୱାଲ, ସନ୍ଦୀପ ପୋଡ ଓ ନେହେରୁ ଯୁବ କେନ୍ଦ୍ର ନୂଆପଡାର ସ୍ୱେଚ୍ଛାସେବୀ କନ୍ହେଇ ନୀଆଲ, ପ୍ରେମଲାଲ ଅଡବଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



ବିଶ୍ୱସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।

ବୌଦ୍ଧ,୭।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ତାଲିମ କେନ୍ଦ୍ରଠାରେ ଶୁକ୍ରବାର ବିଶ୍ୱସ୍ତନ୍ୟପାନ ସପ୍ତାହ-୨୦୨୧ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବୌଦ୍ଧ ବିଜ୍ଞପିତ ଅଞ୍ଚଳର ସମସ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ, ଗର୍ଭବତୀ ଓ ପ୍ରସୂତି ମା'ମାନେ ଯୋଗ ଦେଇଥିଲେ। ସ୍ତନ୍ୟପାନ ପାଇଁ ପ୍ରୋତ୍ସାହନ, ସହଯୋଗ ଓ ଏନେଇ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅଗଷ୍ଟ ୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସପ୍ତାହ ବ୍ୟାପି ଜିଲା, ସମସ୍ତ ବ୍ଲକ୍, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଗାଁ କଲ୍ୟାଣ ସମିତି ସ୍ତରରେ ପାଳିତ ହେଉଛି। ଶିଶୁ ଜନ୍ମପରେ ଛ'ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ପାଇଁ ଓ ତବାକ୍ଷୀରକୁ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ସଭାରେ ଆଲୋଚନା ହୋଇଥିଲା। ଜାତୀୟ ପରିବାର ସର୍ବେକ୍ଷଣ-୪ ଅନୁଯାୟୀ ବୌଦ୍ଧ ଜିଲା ସାରା ରାଜ୍ୟରେ ସହଳ ସ୍ତନ୍ୟପାନ କରାଇବା କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନେଇ ସୂଚନା ଦେଇଥିଲେ। ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ସମସ୍ତ ପ୍ରସୂତୀ, ଆଶାକର୍ମୀଙ୍କୁ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। କୋଭିଡ୍ ମହାମାରୀ ସମୟରେ ମା'ମାନେ କିଭଳି ଶିଶୁଙ୍କୁ ସ୍ତନ୍ୟପାନ ଜାରି ରଖିବେ ସେ ନେଇ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୋଷ କୁମାର ମହାପାତ୍ର ଆଲୋଚନା କରିଥିଲେ। ଏଥିରେ ଜିଲା ପରିବାର କଲ୍ୟାଣ ଅଧିକାରୀ, ଡା. ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ୍, ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଡିପିଏମ୍ ରୂପକ ମହାପାତ୍ର, ଏଡିପିଏଚ୍‌ସିଓ ସୁନୀଲ୍ କୁମାର ନାୟକ ଓ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ବାନପ୍ରସ୍ଥ ଅନ୍ତେବାସିନୀଙ୍କ ଦେହାନ୍ତ

ବରଗଡ଼ ଅଫିସ୍,୭।୮

ବରଗଡ଼ ସହର ଚକରକେନ୍ଦ ନିକଟରେ ଥିବା ଶାନ୍ତି ତପୋବନ ଆଶ୍ରମ (ମାତୃଛାୟା) ବାନପ୍ରସ୍ଥର ଅନ୍ତେବାସିନୀ ସରୋଜିନୀ ଦାଶଙ୍କ ଶନିବାର ଦେହାନ୍ତ ହୋଇଛି। ଦୀର୍ଘ ୮ବର୍ଷ ହେଲା ଏଠାରେ ସେ ରହି ଆସୁଥିଲେ ଏବଂ ବାର୍ଦ୍ଧକ୍ୟ ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା। ସରୋଜିନୀଙ୍କ ପରଲୋକରେ ଶାନ୍ତି ତପୋବନ ଆଶ୍ରମରେ ଗଭୀର ଶୋକପ୍ରକାଶ ପାଇଛି। ଆଶ୍ରମର କର୍ମକର୍ତ୍ତା, ସ୍ୱେଚ୍ଛାସେବୀମାନେ ମୃତଦେହ ସତ୍କାର କରିଥିଲେ। ସଂଯୁକ୍ତ ଯୁବ ସଙ୍ଗଠନର ପୂର୍ବତନ ସଭାପତି ରମାକାନ୍ତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ଆଶ୍ରମର ମୁଖ୍ୟ ଦେବଦତ୍ତ ତ୍ରିପାଠୀ, ଲବଙ୍ଗ ସାହୁ, ସନ୍ଧ୍ୟା ମିଶ୍ର, ବିକାଶ ଅଗ୍ରୱାଲ, ରୋହିତ ପ୍ରଧାନଙ୍କ ସମେତ ମାତୃଛାୟା, ବାନପ୍ରସ୍ଥର ସମସ୍ତ ଅନ୍ତେବାସିନୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବର୍ଷା ପାଇଁ ଚାଷୀ କଲେ ଇନ୍ଦ୍ରଯଜ୍ଞ

ତଳଗାଁ,୭।୮(ସ୍ୱ.ପ୍ର.)

**ବର୍ଷା ଅଭାବରୁ ଚାଷ କାମ ବାଧାପ୍ରାପ୍ତ**

ବୌଦ୍ଧରେ ବର୍ଷା ଅଭାବରୁ ଚାଷ କାମ ବାଧାପ୍ରାପ୍ତ ହୋଇପଡିଥିବା ବେଳେ ଚିନ୍ତାରେ ଚାଷୀ। ଶ୍ରାବଣ ମାସର ୧୫ ଦିନ ବିତିଯାଇଥିଲେ ମଧ୍ୟ ଯେତିକି ବର୍ଷା ହେବା କଥା ହୋଇପାରି ନ ଥିବାବେଳେ ପୁରାପୁରି ଚାଷ ବନ୍ଦ ହୋଇପଡିଛି। ଚାଷୀଙ୍କ ମନରେ ପୂର୍ବପୁରୁଷରୁ ବିଶ୍ୱାସ ରହିଛି ଯେ, ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କୁ ପୂଜା କଲେ ବର୍ଷା ହୋଇଥାଏ। ଏଣୁ ଶନିବାର ଜିଲାର ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତର ଗଣ୍ଡାପାଲ୍ଲୁ, ଡାକପଦର ଓ ଖାଲଗାଡ୍ଡୁର ଚାଷୀମାନେ ଡାକପଦରସ୍ଥିତ ମା'ବରାଳ ଦେବୀଙ୍କ ପୀଠରେ ହୋମ ଯଜ୍ଞ କରିଛନ୍ତି। ତଳଗାଁ ଅଳର ଚାଷୀଙ୍କ ବିଶ୍ୱାସ ରହିଛି, ମା ବରାଳଦେବୀଙ୍କ ପୀଠରେ ପୂଜା କରାଗଲେ ଏହି ଅଞ୍ଚଳରେ ଭଲ ବର୍ଷା ହୋଇଥାଏ। ଏହି ପୂଜାରେ ଅଞ୍ଚଳର ଶହଶହ ଚାଷୀ ଯୋଗ ଦେଇଥିଲେ।



ଡାକପଦର ବରାଳଦେବୀ ପୀଠରେ ବର୍ଷା ପାଇଁ ଇନ୍ଦ୍ର ପୂଜା କରାଯାଉଛି।

# ପଥରକ୍ୱାରି, କ୍ରଶର ହଟାଇବା ଆନ୍ଦୋଳନ ତେଜୁଛି

ବୌଦ୍ଧ,୭।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁ ଗ୍ରାମ ନିକଟରେ ଚାଲିଥିବା କ୍ରଶର ଓ ପଥରକ୍ୱାରୀକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଦିନକୁ ଦିନ ଦାବି ତେଜୁଛି। କ୍ରଶର ଓ ପଥରକ୍ୱାରୀକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେଲା ହେଲା ଆନ୍ଦୋଳନ କରିଆସୁଛନ୍ତି ଖରଭୂଇଁ ଗ୍ରାମବାସୀ। ଶନିବାର ମା'ଙ୍କ ପୀଠରେ ପୂଜାକରି ବଜ୍ର ଶପଥ ନେଇଛନ୍ତି। କ୍ରଶର ଯୋଗୁଁ ଚାଷ, ପରିବେଶ , ଜଙ୍ଗଲ କ୍ଷୟ, ଜୀବନ ଓ ଜୀବିକା ଉପରେ ଏହାର ବହୁ ପ୍ରଭାବ ପଡୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ଏଣୁ ଗ୍ରାମବାସୀ ଓ ଗ୍ରାମର ସୁରକ୍ଷା ଦୃଷ୍ଟିରୁ କ୍ରଶରଗୁଡିକୁ ବନ୍ଦ କରିବା ସହ ପଥର ବ୍ଲାଷ୍ଟିଂ ବନ୍ଦ କରିବାକୁ ଆନ୍ଦୋଳନ ଚଳାଇଅଛନ୍ତି। ଏନେଇ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବହୁବାର ଆଲୋଚନା ହୋଇଛି। କିନ୍ତୁ ଏହାର ସୁଫଳ ହୋଇପାରିନାହିଁ। ଗ୍ରାମବାସୀଙ୍କ ଏକା ଜିଦ୍ ଗ୍ରାମରେ ଥିବା ୪ ଗୋଟି କ୍ରଶରକୁ ହଟାଯାଉ। କ୍ରଶର ଚାଲିବା ନେଇ ଗ୍ରାମବାସୀ ଓ ପ୍ରଶାସନ ଏକ ପ୍ରକାର ମୁହାଁମୁହିଁ ପରିସ୍ଥିତି ଉପୁଜିଛି। କ୍ରଶର ବନ୍ଦ ପାଇଁ ଗ୍ରାମବାସୀ ପଞ୍ଚାୟତ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିବା, ଗତ ୨୬ ତାରିଖରେ ଜିଲା ସଦର ମହକୁମାଠାରେ ବିକ୍ଷୋଭ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ କ୍ରଶରଗୁଡିକ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଜିଲାର ଉନ୍ନୟନ କାମ ଏକପ୍ରକାର ଠପ୍ ହୋଇପଡିଛି। ଏପଟେ କିନ୍ତୁ ଗ୍ରାମବାସୀ ନ ଛୋଡବନ୍ଧା ହୋଇଛନ୍ତି। ଏନେଇ ଶନିବାର ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରାମର ମା'ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା କରିବା ସହ ବଜ୍ର ଶପଥ ନେଇଛନ୍ତି। ମା'ଙ୍କ ପୀଠରେ ଅଣ୍ଡା ଓ ମାଟିହାଣ୍ଡି ଭାଙ୍ଗିଛନ୍ତି। ଯେତେ ବାଧା ଆସିଲେ ମଧ୍ୟ ଗ୍ରାମବାସୀ ଏହି ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଶପଥ ନେଇଥିଲେ। ଏହା ସହ ଯେଉଁ ଗ୍ରାମବାସୀ ଏହି କ୍ରଶର ହଟାଇବା ଆନ୍ଦୋଳନରୁ ଓହରିଯାଏ କିମ୍ବା ସହଯୋଗ କରିବ ନାହିଁ ତାର ପରିବାର ଅଣ୍ଡା ଭଳିଆ ଭାଙ୍ଗିଯିବ ବୋଲି ମା'ଙ୍କ ପାଖରେ ପୂଜାର୍ଚ୍ଚନା କରିଛନ୍ତି। ଏହା ସହ ଗ୍ରାମର ମୌଜାରେ ମଧ୍ୟ ସେହି ପରିବାର ରହିପାରିବେ ନାହିଁ ବୋଲି ଶପଥ ନେଇଛନ୍ତି। ଏହି ପୂଜାର୍ଚ୍ଚନା ସମୟରେ ୯ନଂ. ଜୋନ ଜିଲାପରିଷଦ ସଭ୍ୟ ଅବକାଶ ସାହୁ, ଛତରଙ୍ଗ ସରପଞ୍ଚ ସୁଶିଲ କୁମାର ପ୍ରଧାନ ଓ ଖରଭୂଇଁ ଗ୍ରାମବାସୀ ଉପସ୍ଥିତ ଥିଲେ।



ଖରଭୂଇଁ ଗ୍ରାମବାସୀ ମା' ଠାକୁରାଣୀ ପୀଠରେ ଅଣ୍ଡା ଓ ହାଣ୍ଡି ଭାଙ୍ଗି ଶପଥ ନେଉଛନ୍ତି।

**ପଥରକ୍ୱାରୀ, କ୍ରଶର ହଟାଇବା ଦାବିରେ ମା'ଙ୍କ ପୀଠରେ ପୂଜାକରି ବଜ୍ର ଶପଥ ନେଲେ ଗ୍ରାମବାସୀ**

## ଆଇନ ଶୃଙ୍ଖଳା ପ୍ରତି ଗୁରୁତ୍ୱ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଫାଣ୍ଡିରେ ନୂତନ ଫାଣ୍ଡି ଅଧିକାରୀ ଭାବେ ଏସଆଇ (ସବ୍‌ଇନ୍ସପେକ୍ଟର) କୃତିବାସ ପୂଝାରୀ ଯୋଗ ଦେଇଛନ୍ତି। ଏଠାରେ ପୂର୍ବରୁ ଥିବା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସ ଗତ ୩୧ ତାରିଖରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ନୂତନ ଫାଣ୍ଡି ଅଧିକାରୀ ପୂଝାରୀ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ସମସ୍ତଙ୍କ ସହଯୋଗ କାମନା କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରାଥମିକତା ଦେବେ ବୋଲି ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

### ମହୁଲମୁଣ୍ଡା ଗ୍ରାମରେ ୨ ମାସର ଶିଶୁ କୋଭିଡ୍ ପଜିଟିଭ

ଖଡିଆଳ,୭।୮(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଖୁଦପେଜ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହୁଲମୁଣ୍ଡା ଗ୍ରାମର ଜଣେ ଦୁଇ ମାସର ଶିଶୁ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ଶନିବାର ଡା. ଆଦିତ୍ୟ ଯୋଶୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଉକ୍ତ ଗ୍ରାମକୁ ଯାଇଥିଲେ। ଗ୍ରାମର ୭୦ଜଣଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିବା ବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ରହିଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଗ୍ରାମର ଜଣେ ୨ ମାସର ଶିଶୁକୁ ଜ୍ୱର ହେବାରୁ ଚିକିତ୍ସା ପାଇଁ ତାଙ୍କ ମା'ବାପା ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ କୋଭିଡ୍ ପଜିଟିଭ ଥିବା ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଥିଲେ। ପରେ ଶିଶୁର ମା'ବାପାଙ୍କ ମଧ ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ହେଲେ ଦୁଇ ଜଣଙ୍କ ରିପୋର୍ଟ ନେଗେଟିଭ ବାହାରିଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିଶୁର ଚିକିତ୍ସା ବ୍ୟବସ୍ଥା ହାତକୁ ନେଇ ସମସ୍ତ ଔଷଧ ଯୋଗାଇଥିବା ଡାକ୍ତର ଯୋଶୀ ପ୍ରକାଶ କରିଛନ୍ତି। ଶିଶୁଙ୍କ ପାଇଁ ବର୍ତ୍ତମାନ ସତର୍କତା ଅବଲମ୍ବନ କରିବା ନିତାନ୍ତ ଜରୁରୀ ଅଟେ। ଆବଶ୍ୟକ ପଦକ୍ଷେପ ନେବା ସହ ଟିକାକରଣ ଯୋଜନାକୁ ସଫଳ କରିବା ପାଇଁ ଜିଲାପାଳ ସ୍ୱାଧାଦେବ ସିଂ ନାଗରିକଙ୍କୁ ଆହ୍ୱାନ କରିଛନ୍ତି।

### ଆଶୀର୍ବାଦ ଯୋଜନାରେ ୨ ପୁଅକୁ ମିଳିବ ସହାୟତା

**କରୋନା କରିଦେଲା ବେସାହାରା ଘଟଣା**

ଜୁନାଗଡ,୭।୮(ଡି.ଏନ.ଏ.): ତାଙ୍କ ପରିବାର ଏବେ ଦୟନୀୟ ହୋଇପଡିଛି। କଳାହାଣ୍ଡି ଜିଲା ଜୁନାଗଡ ସହର ୭ନଂ ୱାର୍ଡ ଗୋଡିପଡାର ସୋମନାଥ ଶବର (୩୯) କରୋନାରେ ଗତ ଜୁନରେ ମୃତ୍ୟୁ ବରଣ କରିଥିଲେ। ପରିବାର ସେ ଜଣେମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ସେପୁର (୩୪), ବଡପୁଅ ନରେନ୍ଦ୍ର (୧୦) ଓ ସାନପୁଅ ହିମାଂଶୁ (୭)ଙ୍କ ଅବସ୍ଥା ଏବେ ଦୟନୀୟ ହୋଇପଡିଛି। ତାଙ୍କର ଏପରି ଦୁଃଖଦ ପରିସ୍ଥିତିକୁ ନେଇ ଶନିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। କରୋନାରେ ମୃତ ସୋମନାଥଙ୍କ ୨ ପୁଅ ହିମାଂଶୁ ଓ ନରେନ୍ଦ୍ରଙ୍କୁ କଳାହାଣ୍ଡି ଜିଲା ଶିଶୁ ମଙ୍ଗଳ ସମିତିଙ୍କ ସୁପାରିଶକ୍ରମେ ରାଜ୍ୟ ସରକାରଙ୍କ 'ଆଶୀର୍ବାଦ ଯୋଜନା'ରେ ସାମିଲ କରାଯାଇଛି। ଫଳରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଅଗଷ୍ଟଠାରୁ ହିମାଂଶୁ ଓ ନରେନ୍ଦ୍ରଙ୍କ ବ୍ୟାଙ୍କ ଆକାଉଣ୍ଟରେ ମାସିକ ଜଣ ପ୍ରତି ୧୫ଶହ ସମୁଦାୟ ୩ ହଜାର ଟଙ୍କା ଜମା କରାଯିବ ବୋଲି ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ କୁମାର ନାୟକ ପ୍ରକାଶ କରିଛନ୍ତି। ସେହିପରି ୨ଶିଶୁଙ୍କୁ ୧୮ବର୍ଷ ହେବା ଯାଏଁ ଆର୍ଶିବାଦ ଯୋଜନାରେ ଏହି ଆର୍ଥିକ ସହାୟତା ପାଇବେ ବୋଲ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର ପ୍ରକାଶ କରିଛନ୍ତି।

### ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ ବିଳମ୍ବ ନେଇ ଅସନ୍ତୋଷ

ନର୍ଲା,୭।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ଜେଏମଏଫସି କୋର୍ଟ ସ୍ଥାପନ ବିଳମ୍ବ ନେଇ ଜନଅସନ୍ତୋଷ ଦେଖାଦେଇଛି। ୨୦୧୮ରେ ନର୍ଲା ବାର ଆସୋସିଏଶନ ସଭାପତି କୁବେର ସାହୁଙ୍କ ନେତୃତ୍ୱରେ ନର୍ଲା ଜନସାଧାରଣ, ଜନପ୍ରତିନିଧିଙ୍କ ସହିତ ବୁଦ୍ଧିଜୀବୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଓ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଇନ ମନ୍ତ୍ରୀଙ୍କୁ ଦିଆଯାଇଥିଲା। ଉକ୍ତ ଦାବିପତ୍ର ଅନୁସାରେ ମୁଖ୍ୟ ନ୍ୟାୟାଧିଶଙ୍କ ନିର୍ଦ୍ଦେଶକ୍ରମେ ଜିଲା ଦୌରା ଜଜ୍ ପ୍ରାରମ୍ଭିକ ଅଦାଲତ ଖୋଲିବା ପାଇଁ ଦିଆଯାଇଥିବା ଆବଶ୍ୟକ ଭିତ୍ତିଭୂମୀ ତଦନ୍ତ କରି ସନ୍ତୋଷଜନକ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇଥିଲେ। ଇତିମଧରେ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ନର୍ଲାଠାରେ ଜେଏମଏଫସି କୋର୍ଟ ସ୍ଥାପନ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ତୁରନ୍ତ ପଦକ୍ଷେପ ନେଇ ଏଠାରେ ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ଦାବି କରାଯାଉଛି। ନର୍ଲା ବାର ଆସୋସିଏଶନ ସଭାପତି ଚନ୍ଦ୍ରଶେଖର ଚାନ୍ଦ, ପୂର୍ବତନ ସଭାପତି କୁବେର ସାହୁ, ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ନର୍ଲା ସରପଞ୍ଚ ଚିରଞ୍ଜିବି ଗୌଡିଆ, ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କୁ ଯଥାଶୀଘ୍ର ନର୍ଲାଠାରେ ଜେଏମଏଫସି କୋର୍ଟ ସ୍ଥାପନ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି, ନଚେତ ଆଗାମୀ ଦିନରେ ବାର ଆସୋସିଏଶନ, ସମସ୍ତ ରାଜନୈତିକ ଦଳ ସମେତ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

# ୧୬ ମାସ ପରେ ବି ମିଳିନି ପ୍ରୋତ୍ସାହନ ରାଶି

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

କର୍ଲାମୁଣ୍ଡା, ୭।୮ (ଡି.ଏନ.ଏ.)

ଆବାସ ଯୋଜନାରେ ଧାର୍ଯ୍ୟ ସମୟ ମଧ୍ୟରେ ହିତାଧିକାରୀ ଘର ନିର୍ମାଣ ଶେଷ କଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ସରକାର ପ୍ରଦାନ କରିଥାନ୍ତି। ଧାର୍ଯ୍ୟ ସମୟ ସୀମା ପୂର୍ବରୁ ଘର ନିର୍ମାଣ ସମାପ୍ତ ହେଉଥିଲେ ହେଁ ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ମିଳୁ ନ ଥିବା ଜଣାପଡ଼ିଛି। ଏଭଳି ଅଭିଯୋଗ ଆସିଛି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ରେଙ୍ଗାଲି ଗାଁରୁ । ଗାଁର ଚିତ୍ରସେନ ସାହୁଙ୍କୁ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ସଂଖ୍ୟା ୩୬୩, ତା. ୧୯।୯।୨୦୨୦ ରେ କାର୍ଯ୍ୟାଦେଶ ପାଇ ୧୭।୧୨।୨୦୨୦ ରେ ଘର ତିଆରି କାମ ସମାପ୍ତ କରିଥିଲେ। ନିୟମ ମୁତାବକ ଧାର୍ଯ୍ୟ ସମୟ ପୂର୍ବରୁ ଘର ସମାପ୍ତ କରିଥିଲେ ହେଁ ପ୍ରୋତ୍ସାହନ ରାଶି ବର୍ତ୍ତମାନ ସୁଦ୍ଧା ପାଇପାରୁ ନ ଥିବା ସାହୁ ଅଭିଯୋଗ କରିଛନ୍ତି। ବାରମ୍ବାର ବ୍ଲକ ପ୍ରଶାସନ ପାଖରେ ଜଣାଇଥିଲେ ମଧ କେହି ଶୁଣି ନ ଥିବାରୁ ସାହୁ ମୁଖ୍ୟମନ୍ତ୍ରୀଙ୍କ ଅନଲାଇନ ଜରିଆରେ ଗତ ୨୭।୬।୨୦୨୧ରେ (ସି ଏ ମ ଓ ଏ ଫ ୍ ଏ ଫ / ଇ/୨୦୨୧/୦୮୬୯୧) ଅଭିଯୋଗ କରିଥିଲେ ସୁଦ୍ଧା ପ୍ରୋତ୍ସାହନ ରାଶି ପାଇପାରୁ ନ ଥିବା ପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମଣୀ ଆବାସ ଦାୟିତ୍ୱରେ ଥିବା ବିପିସି ରୁଦ୍ର ପ୍ରସାଦ ସାହୁଙ୍କୁ ପଚାରିବାରୁ ବ୍ଲକର ୩ଜଣ ହିତାଧିକାରୀଙ୍କ ଏଭଳି ସମସ୍ୟା ହେଇଛି। ସେମାନେ ଶୀଘ୍ର ପ୍ରୋତ୍ସାହନ ରାଶି ପାଇବାକୁ ଜିଲା ପ୍ରଶାସନକୁ ଆମେ ଚିଠି କରିଛୁ ବୋଲି କହିଛନ୍ତି। ଅନ୍ୟପଟରେ ଏହି ବ୍ଲକରେ ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ଦେବାରେ ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବ ରହିଛି ବୋଲି ସାମାଜିକ କର୍ମୀ ସୁରେଶ ଚୌଧୁରୀ ମତ ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ଚିତ୍ରସେନ ସାହୁଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୂର୍ଣ୍ଣ ହୋଇଥିବା ଘର।

## ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା


ଭାଜପା ପ୍ରତିନିଧି ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ବରଗଡ଼ ଅଫିସ୍,୭।୮

ବରଗଡ଼ ପୌର ପରିଷଦରେ ଥିବା ବିଭିନ୍ନ କଣ୍ଟ୍ରୋଲ ଦୋକାନ ଗୁଡ଼ିକରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ହେଉଛି। ଏଭଳି ଅଭିଯୋଗ ନେଇ ଶନିବାର ଏମ୍‌ପି ପ୍ରତିନିଧି ଲିପ୍‌ସିତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କୁ ଭେଟି ଆଲୋଚନା କରିଥିଲେ। ବରଗଡ଼ ସହରରେ ଥିବା କଣ୍ଟ୍ରୋଲ ଦୋକାନ ଗୁଡ଼ିକ ଠିକ୍ ଭାବେ ଖୋଲୁ ନ ଥିବାରୁ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ସେହିପରି ହିତାଧିକାରୀଙ୍କୁ କିରୋସିନ ଠିକ୍ ଭାବେ ବଣ୍ଟନ କରା ନ ଯାଇ ତାକୁ ବାଟମାରଣା କରାଯାଉଛି। ଏହାସହିତ ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନାରେ ଖାଉଟିଙ୍କୁ ବଞ୍ଚିତ କରାଯିବା, ଯୋଗାଣ ବିଭାଗର ଅପାରଗତା ଯୋଗୁ ଖାଉଟି ସାମଗ୍ରୀର କଳାବଜାର ବୃଦ୍ଧି ପାଉଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଥିଲେ। ଉପଜିଲାପାଳ ସାମଲ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଭାଜପା ଜିଲା ସଭାପତି ସୁକାନ୍ତ ଦାଶ, ଧିରୋଜ ପ୍ରଧାନ, ଲକ୍ଷ୍ମଣ ନନ୍ଦ, ହରେକୃଷ୍ଣ ଦାଶ, ହେମସାଗର ସାହୁ, ଅଭିଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରାପ୍ୟ ପାଇଁ ବିଡିଓଙ୍କ ଦ୍ୱାରସ୍ଥ

ଲୋଇସିଂହା,୭।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଗ୍ରାମର ଜବକାର୍ଡଧାରୀ ଶ୍ରମିକ ଏମଜିଏନଆରଇଜିଏସରେ କାମ କରି ମାସାଧିକ କାଳ ହେଲା ପ୍ରାପ୍ୟ ପାଇ ନ ଥିବାରୁ ଶନିବାର ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଦ୍ୱାରସ୍ଥ ହୋଇଛନ୍ତି। କରୋନା ମହାମାରୀ ସମୟରେ ଅର୍ଥାଭାବରୁ ପରିବାର ଦୁର୍ଦ୍ଦିନରେ ଦିନ କାଟୁଥିବା ସେମାନେ ଅଭିଯୋଗ କରିଥିଲେ। ଖୁବଶୀଘ୍ର ପ୍ରାପ୍ୟ ପ୍ରଦାନ ନ କଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, କୁଶଙ୍ଗ ଗ୍ରାମ ପଞ୍ଚାୟତ ପକ୍ଷରୁ ଜବକାର୍ଡଧାରୀ ଶ୍ରମିକଙ୍କୁ ଲକ୍‌ଡାଉନ ସମୟରେ କାମ ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏ ମ ଜି ଏ ନ ଆ । ର ଇ ଜି ଏ ସ ରେ ଦିଶରିଲାଏର ଠାରୁ ବିଜରାକଟାଁ ମାଟି ରାସ୍ତା କାମ ହାତକୁ ନିଆ ଯାଇଥିଲା। ଏଠାରେ ଗତ ମାର୍ଚ୍ଚ ମାସରେ ଉକ୍ତ ରାସ୍ତା କାମରେ ଦିବ୍ୟ କିଶୋର ଷାଣ୍ଡ, ଯୋଗେଶ୍ୱର ପୋଢ, ସିଂଘାସନ ନନ୍ଦ, ପ୍ରହ୍ଲାଦ ଭୋଇ, କୀର୍ତ୍ତି ନନ୍ଦ, ଟିକଚନ ମଟାରୀ, ଚକ୍ରର ପାଣ୍ଡେଙ୍କ ସମେତ ବହୁ ଶ୍ରମିକ ନିୟୋଜିତ ହୋଇ କାମ କରିଥିଲେ । ଆଦିବାସୀ ହରିଜନ ବର୍ଗର ଶ୍ରମିକଙ୍କୁ ପ୍ରାପ୍ୟ ମିଳୁଥିବା ବେଳେ ଓବିସି ଏବଂ ସାଧରଣ ବର୍ଗର ଶ୍ରମିକଙ୍କୁ ଏହା ମିଳିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। କେତେକ ଶ୍ରମିକଙ୍କୁ ୧୨୯୦ ଟଙ୍କା ଲେଖାଏ ଗୋଟିଏ କିସ୍ତି ଟଙ୍କା ପକାଯାଇଛି। ବାକି ଟଙ୍କା ମିଳିନାହିଁ। ଏହାବ୍ୟତୀତ ଅନୁସୂଚିତ ଜାତିର କେତେକ ଶ୍ରମିକଙ୍କ ଜବକାର୍ଡରେ ସାଧାରଣବର୍ଗ ଉଲ୍ଲେଖ କରାଯାଇଥିବାରୁ ସେମାନେ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ। ଗାଁ ସାଥୀ, ଜିଆରଏସଙ୍କ ଅବହେଳାରୁ ସେମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ବାରିକ କୁହନ୍ତି, ଶ୍ରମିକମାନେ ବ୍ଲକକୁ ଆସି ଫେରନ୍ଦ୍ ହୋଇଛନ୍ତି। ଏହି ସମସ୍ୟା ନେଇ ଶନିବାର ବ୍ଲକ ଷ୍ଟାଫ ମିଟିଂ ବେଳେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗତ ଏପ୍ରିଲ ମାସରୁ ଏସଟି/ଏସସି ବର୍ଗର ଶ୍ରମିକଙ୍କୁ ପ୍ରାଥମିକତା ଦେଇ ପ୍ରାପ୍ୟ ପ୍ରଦାନ କରାଯାଉଛି।


ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଶ୍ରମିକମାନେ।

## ଭିତ୍ତିଭୂମି ସୁଦୃଢ଼ ଥାଇ ବି ଶିକ୍ଷକ ଅଭାବ

**ପାଠପଢାକୁ ନେଇ ବଢ଼ିଲା ଅଭିଭାବକଙ୍କ ଚିନ୍ତା**

ଦେଓଗାଁ,୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ନୂତନ ସରକାରୀ ହାଇସ୍କୁଲର ଏବେ ଭିତ୍ତିଭୂମି ସୁଦୃଢ଼ ହେବାକୁ ଲାଗିଥିବା ବେଳେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବ ରହିଛି। ଫଳରେ ଆଗକୁ କେମିତି ପାଠପଢା ହେବ ସେ ନେଇ ଅଭିଭାବକ ମହଲରେ ଚିନ୍ତା ବଢିଛି। ବର୍ତ୍ତମାନ ଜିଲା ପରିଷଦ ପାଣ୍ଠିରୁ ୧୦ ଲକ୍ଷ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୪୫ ଲକ୍ଷ ଟଙ୍କା ଅନୁଦାନରେ ହାଇସ୍କୁଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁ ରହିଛି। ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, କମ୍ପ୍ୟୁଟର କେନ୍ଦ୍ର ଆଦି ସମସ୍ତ ସୁବିଧା ଉପଲବ୍ଧ କରିବା ଦିଗରେ ସରକାର ପଦକ୍ଷେପ ନେଇଛନ୍ତି। ହେଲେ ଏବେ ଶିକ୍ଷକ ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ସୂଚନାନୁସାରେ ଉକ୍ତ ହାଇସ୍କୁଲରେ ୮ଜଣ ଶିକ୍ଷକ, ଜଣେ କିରାଣି, ଅଣ ଶିକ୍ଷକ କର୍ମଚାରୀ ୪ ଜଣଙ୍କୁ ମିଶାଇ ୧୩ ଜଣ ରହିବା କଥା । ମାତ୍ର ୨୦୨୦ ଫେବୃୟାରୀ ମାସରେ ବରିଷ୍ଠ ଶିକ୍ଷକ କୁମାର ଷାଣ୍ଡ ଓ ଖେଳ ଶିକ୍ଷକ ମଥାମଣି ପଣ୍ଡା ଅବସର ନେଇଥିବା ବେଳେ ଅକ୍ଟୋବର ୩୦ ତାରିଖରେ ବରିଷ୍ଠ ଶିକ୍ଷକ ସୁନିଲ କୁମାର ହରପାଲ ଅବସର ନେଇଛନ୍ତି। ସେହିପରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଲଛମନ ଦଲାଇ ଅବସର ନେଇଥିବା ଜଣାପଡିଛି। ଚଳିତ ମାସ ୫ ତାରିଖରେ ପଦୋନ୍ନତି ପାଇ ବରିଷ୍ଠ ବିଜ୍ଞାନ ଶିକ୍ଷକ (ପିସିଏମ) ବିଭୂତି ଭୂଷଣ ବେହେରା ଏହି ବ୍ଲକ ଅଧୀନ ବନ୍ଧପାଲି ଉନ୍ନୀତ ସରକାରୀ ହାଇସ୍କୁଲକୁ ପ୍ରଧାନଶିକ୍ଷକ ଭାବେ ବଦଳି ହୋଇଛନ୍ତି । ଫଳରେ ହାଇସ୍କୁଲରେ ୪ଟି ଶିକ୍ଷକ ପଦବୀ ଓ ଗୋଟିଏ ଚତୁର୍ଥ କର୍ମଚାରୀ ପଦବୀ ଖାଲିପଡିଛି। କିଛି ଦିନ ତଳେ ହାଇସ୍କୁଲର ସାମଗ୍ରିକ ସୌନ୍ଦର୍ଯ୍ୟକରଣ କାମକୁ ୫-ଟି ସଚିବ, ମୁଖ୍ୟ ଶାସନ ସଚିବ ପରିଦର୍ଶନ କରିଥିଲେ। ହେଲେ ଶିକ୍ଷକ ଅଭାବ ନେଇ କୌଣସି ଆଲୋଚନା କରି ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଆଲୋଚନାଚକ୍ର



ଦହ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବାଉଁଶୁଣୀ,୭।୮(ଡି.ଏନ୍.ଏ.)

ଆସନ୍ତା ଅଗଷ୍ଟ ୧୫କୁ ଆମ ଦେଶ ସ୍ୱାଧୀନତାର ୭୫ବର୍ଷ ପୂରଣ ଅବସରରେ କେନ୍ଦ୍ର ସରକାର ଆଜାଦିକା ଅମୃତ ମହୋତ୍ସବ ୭୫ସପ୍ତାହ ପୂର୍ବରୁ ଗତ ମାର୍ଚ୍ଚ ୧୨ତାରିଖ ୨୦୨୧ରୁ ଆରମ୍ଭ କରିଛନ୍ତି । ଦେଶର ୭୫ଜିଲା ୭୫ବ୍ଲକ ୭୫ପଞ୍ଚାୟତ ଚୟନ କରି ୭୫ପ୍ରକାର କାର୍ଯ୍ୟକ୍ରମ ଜନସାଧାରଣରେ ଆଲୋଚନା କରାଯାଉଛି। ଏଥି ମଧ୍ୟରୁ ବୌଦ୍ଧ ଜିଲା ବୌଦ୍ଧ ବ୍ଲକ ମୁଣ୍ଡିପଦର ଓ ରକ୍ସା ଗ୍ରାମ ପଞ୍ଚାୟତ ଚୟନ ହୋଇଥିବାରୁ ଶନିବାର ରକ୍ସା ପଞ୍ଚାୟତ ଦହ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ଦାଶ, ତହସିଲଦାର ସନତ କୁମାର ନାଏକ ମଞ୍ଚାସୀନ ହୋଇ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ସକାଶେ ବକ୍ତବ୍ୟ ରଖିଥିଲେ। ଜିଲା ସାମାଜିକ ସମୀକ୍ଷକ ପ୍ରବୀର ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ଦେଶର ଅଢେଇ ଲକ୍ଷ ପଞ୍ଚାୟତ, ରାଜ୍ୟର ୬୭୯୫ପଞ୍ଚାୟତ ମଧ୍ୟରୁ ଆମ ବ୍ଲକର ଦୁଇଟି ପଞ୍ଚାୟତ ମନୋନୀତ ହୋଇଥିବାରୁ ଦାୟିତ୍ୱ ବଢିଯାଇଥିବା କଥା ରଖିଥିଲେ । ଦହ୍ୟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଶରଥ ମେହେର ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ରାଜକୁମାର ପ୍ରଧାନ, ସିଆରସିସି ତେଲିବନ୍ଧ ଗୁଣାତ୍ମକ ଶିକ୍ଷା ଓ ଷଷ୍ଟେନେବୁଲ ଡେଭଲପମେଣ୍ଟ ଗୋଲ, ପୃଥିବୀର ସର୍ବାଙ୍ଗୀନ ବିକାଶ ହେତୁ ଆମର ଲକ୍ଷ୍ୟକୁ ସ୍ଥିର ନିଶ୍ଚିତ କରିବା ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଦଶରଥ ମେହେର ଧନ୍ୟବାଦ ଦେଇଥିଲେ। କାହ୍ନୁ ଚରଣ ସେଠୀ, ସିଆର୍‌ସିସି ଦହ୍ୟା, ରଞ୍ଜିତା ମହାପାତ୍ର, ସୌଦାମିନୀ ବାରିକ, ପୁଷ୍ପାଞ୍ଜଳି ମିଶ୍ର, ଉମାରାଣୀ ସେଠି, ମନ୍ଦାକିନୀ ପାଣ୍ଡେ, ଯୋଗେଶ କୁମାର ଭୋଇ, ଶଶୀଭୂଷଣ ମହାକୁଲ, ଅଶୋକ ମଲିକ ଓ କୃଷ୍ଣଚନ୍ଦ୍ର ମଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

## ପୋତିହୋଇ ପଡ଼ିଛି ବାଗପୁର କେନାଲ

ପଲମ, ୭।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ବାଗପୁରକମର୍ଦ୍ଧା ଯିବା ରାସ୍ତା ପାର୍ଶ୍ୱରେ ରହିଛି ଗାଡିଆ ଯୋର ନାଳ। ନାଳ ଉପରେ ନିର୍ମିତ ହୋଇଛି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ଯାହା ନର୍ଲା ଏମଆଇପି ବିଭାଗର ଅଧୀନରେ ରହିଛି। ଗତ ୩୦ ବର୍ଷ ତଳେ ନିର୍ମିତ ଉକ୍ତ ଜଳ ସେଚନ ଯୋଜନା ନର୍ଲା, ଡଙ୍ଗରମାଳ, ରେଗିଡିମାଲ, ରେକପୁର, ଦେହେଲି, ଗରରାପଡାଭଳି ୬ଖଣ୍ଡ ଗାଁ ଚାଷ ଜମି ପାଇଁ ଲାଇଫ ଲାଇନ ସାଜିଛି। ବିଭାଗୀୟ ଉଦାସୀନତ ପାଇଁ ଡଙ୍ଗରମାଲ, ରେଗିଡିମାଲ ଉପରମୁଣ୍ଡରୁ ନର୍ଲା ଦେଇ ରେକପୁର ଯାଏଁ ଯାଇଥିବା କେନାଲ ସମ୍ପୂର୍ଣ୍ଣ ପୋତି ହୋଇପଡିଛି। ଫଳରେ ପାଣି ପହଞ୍ଚି ପାରୁ ନ ଥିବାରୁ ୬ଖଣ୍ଡ ଗ୍ରାମର ୬୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ କାର୍ଯ୍ୟ ବାଧା ସୃଷ୍ଟି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ବିଷୟରେ ନର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ମାଝିଙ୍କୁ ପଚାରିବାରୁ ଆମ ବିଭାଗ ପକ୍ଷରୁ ସରକାରଙ୍କୁ ଲିଖିତ ଭାବେ ଜଣାଯାଇଛି ବୋଲି କହିଥିଲେ।


ବାଗପୁର କେନାଲ।

## ନିରନ୍ତର ଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଅତାବିରା,୭।୮(ଡି.ଏନ.ଏ)

ବରଗଡ଼ ଜିଲାରେ ନିରନ୍ତର ଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ସ୍ଥାନୀୟ ଶିକ୍ଷକ ଭବନରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅତାବିରା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ସମସ୍ତ କେନ୍ଦ୍ର ସାଧନ ସଂଯୋଜକ, ପ୍ରଧାନଶିକ୍ଷକ ଯୋଗଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ପ୍ରଶିକ୍ଷିକା ସୀମାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଶିକ୍ଷିକା ସାହୁ ନିରନ୍ତର ଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ବାରିକ ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ନିରନ୍ତର ଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀବୃନ୍ଦ।

## ଦୁର୍ବ୍ୟବହାର ଯୋଗୁ ଡିଜିଙ୍କ ପ୍ରେସ୍‌ମିଟ୍ ବର୍ଜନ

- ପୋଲିସ ଓ ଜିଲା ପ୍ରଶାସନକୁ ଦୃଢ଼ ନିନ୍ଦା
- ସାମ୍ବାଦିକ ଭବନରେ ହେଲା ଜରୁରୀ ବୈଠକ

ବଲାଙ୍ଗୀର ଅଫିସ, ୭।୮

ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଓ ମାଓବାଦୀ କାର୍ଯ୍ୟକଳାପର ସମୀକ୍ଷା ନେଇ ଶନିବାର ଦିନିକିଆ ବଲାଙ୍ଗୀର ଜିଲା ଗସ୍ତରେ ଆସିଥିଲେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଅଭୟ। ଏହି ଅବସରରେ ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଏକ ପ୍ରେସ୍‌ମିଟ୍ ଡକାଯାଇଥିଲା। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସ କର୍ମଚାରୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରୁ ପୋଲିସ ମହାନିର୍ଦ୍ଦେଶକଙ୍କ ପ୍ରେସ୍‌ମିଟ୍ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ପ୍ରତିନିଧିମାନେ ବର୍ଜନ କରି ଦୀର୍ଘ ସମୟ ଧରି ରିଜର୍ଭ ପୋଲିସ ଗେଟ୍ ସମ୍ମୁଖ ଏକ ଷ୍ଟଲ ସାମ୍ନାରେ ବସି ପ୍ରତିବାଦ ଜଣାଇଥିଲେ।

ଶନିବାର ପୂର୍ବାହ୍ନ ୧୧ଟା ୧୫ ମିନିଟ୍ ସମୟରେ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ପୋଲିସ ଡିଜି ଅଭୟଙ୍କ ପ୍ରେସ୍‌ମିଟ୍ ପାଇଁ ଏସପି ଓ ଏସ୍‌ଡିପିଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯିବା ବେଳେ ରିଜର୍ଭ ପୋଲିସ ଗେଟ୍‌ରେ ମୁତୟନ ଥିବା ପୋଲିସ କର୍ମଚାରୀମାନେ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିତରକୁ ଛାଡି ନ ଥିଲେ। ଏସପିଙ୍କ ନିର୍ଦ୍ଦେଶ ଥିବାରୁ ଏଭଳି କରାଯାଇଛି ବୋଲି କହିଥିଲେ। ଏପରି କି ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ବାଇକ୍‌କୁ ଠେଲାପେଲା କରିଥିଲେ। ଏହାର ପ୍ରତିବାଦ କରି ଗଣମାଧ୍ୟମ ପ୍ରତିନିଧିମାନେ ଗେଟ୍ ଭିତରକୁ ନ ଯାଇ ସାମ୍ନାରେ ଥିବା ଏକ ଷ୍ଟଲରେ ବସି ପ୍ରତିବାଦ ଜଣାଇଥିଲେ। ଏହାପରେ ଏସଡିପିଓ ତୋଫାନ୍ ବାଗ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ଏବଂ ଏସପି ନିତିନ କୁଶଲକର ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ। ତେବେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାରୁ ଉକ୍ତ ପ୍ରେସ୍‌ମିଟ୍‌କୁ ବର୍ଜନ କରାଯାଇଥିଲା। ଫଳରେ ପୋଲିସ ଡିଜି ଅଭୟଙ୍କ ପ୍ରେସ୍‌ମିଟ୍ ହୋଇପାରି ନ ଥିଲା। ଏହି ଘଟଣାକୁ ନେଇ ସାମ୍ବାଦିକ ଭବନ ଠାରେ ଜିଲା ସମ୍ବାଦିକ ସଂଘ ସଭାପତି ହରି ନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସର ଦୁର୍ବ୍ୟବହାର, ଅସମ୍ମାନ ଓ ଉପଯୁକ୍ତ ସୂଚନା ନ ଦେବା ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ବଲାଙ୍ଗୀର ଜିଲାରେ ଜିଲାପାଳ ଓ ଏସପି ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଭିନ୍ନ ଘଟଣାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିବାରୁ ନିନ୍ଦା କରାଯାଇଥିଲା। ଏଭଳି ପରିସ୍ଥିତି ଜାରି ରହିଲେ ଆଗାମୀ ଦିନରେ ପୋଲିସ ଓ ଜିଲା ପ୍ରଶାସନର କୌଣସି କାର୍ଯ୍ୟକ୍ରମରେ ସଂଘ ସହଯୋଗ କରିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ସଂଘ ପକ୍ଷରୁ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଓ ୫-ଟି ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜରୁରୀ ବୈଠକରେ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ବଳରାମ ମିଶ୍ର, ମନରଞ୍ଜନ ଯୋଷୀ, ବିଶ୍ୱଜିତ ଦାଶ, ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚନ୍ଦ୍ରଭାନୁ ମୋଲାଣା, ମୁକେଶ ବହିଦାର, ଦୀପକ ପୁରୋହିତ, ଘଟେଶ୍ୱର ମିଶ୍ର, ସନ୍ଦୀପ କୁମାର ପୁଅଁର, ବିଭୁ କଲ୍ୟାଣ ଗଡତ୍ୟା , ନରେଶ କୁମାର ସାହୁ, ଦେବାଶିଷ ମିଶ୍ର, ପ୍ରଶାନ୍ତ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।


ରିଜର୍ଭ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିମାନେ ବସି ରହିଛନ୍ତି।